ଧରିତ୍ରୀ
DHARITRI

May 23-29, 2021 ₹ 2/-

# ଛୁଟିଦିନ

# ଦୂଷିତ ଚିଲିକା





୩
ପ୍ରଚ୍ଛଦ ପ୍ରସଙ୍ଗ

ସୌନ୍ଦର୍ଯ୍ୟମୟୀ ଚିଲିକାର ସୌନ୍ଦର୍ଯ୍ୟ କାହାକୁ ବା ଆନମନା ନ କରିଛି । କିନ୍ତୁ ବିଭିନ୍ନ କାରଣରୁ ଏବେ ଏହା ଦୂଷିତ ହେବା ସହ ହରେଇ ବସୁଛି ତା'ର ସୌନ୍ଦର୍ଯ୍ୟ; ଯାହା ଆମ ପାଇଁ ନିହାତି ଚିନ୍ତାର ବିଷୟ...



୮/୯
ସିନେମା

୧୩
ସହରଠୁ ଦୂର

# କିଛି ମହତ୍ କଥା

**ମହାପୁରୁଷମାନେ କହି ଯାଇଥିବା କିଛି ମହତ୍ କଥାକୁ ଜୀବନରେ ଆପଣେଇଲେ ଜୀବନ ସରସ, ସୁନ୍ଦର ହୋଇଥାଏ।**

*ମା'ବାପାଙ୍କର ହାତ ଧରି ଚାଲ, କାହା ପାଦ ଧରିବା ଦରକାର ନାହିଁ।

*ପାଦରେ ଆଘାତ ଲାଗିଲେ ମଣିଷ ଯେମିତି ଚାଲିବା ଶିଖିଯାଏ, ସେହିପରି ହୃଦୟରେ ଆଘାତ ଲାଗିଲେ ମଣିଷ ଏକୁଟିଆ ବଞ୍ଚିବା ଓ ମଣିଷ ଚିହ୍ନିବା ଶିଖିଯାଏ।

*ଅଲଗା ହେବା ପାଇଁ ତ ବାହାନା ଦରକାର। ସମ୍ପର୍କକୁ ଅତୁଟ ରଖିପାରିଲେ ମୃତ୍ୟୁ ବି ଅଲଗା କରିପାରେନାହିଁ।

*କାହାକୁ କିଛି କହିବା ଆଗରୁ ଟିକିଏ ଭାବିଚିନ୍ତି କୁହନ୍ତୁ,



କାରଣ ଆଜି ଯିଏ ବନ୍ଧୁ କାଲି ସିଏ ଶତ୍ରୁ ହୋଇପାରେ।

*ସମୟ କଥା କହିପାରେନି ସତ, କିନ୍ତୁ ଠିକ୍ ସମୟରେ କିଏ ପର ଆଉ କିଏ ଆପଣାର ଜଣାଇଦିଏ।

*ଆପଣଙ୍କୁ କିଏ କ'ଣ କହୁଛି ତାକୁ ଭାବି କେବେ ବିଚଳିତ ହୁଅନ୍ତୁ ନାହିଁ। କାରଣ ହୀରାକୁ କାଚ କହିଦେଲେ ହୀରା କେବେ କାଚ ହୋଇଯାଏ ନାହିଁ।

*ନିଜର ହସ୍ତରେଖା ଦେଖି ଭବିଷ୍ୟତ କ'ଣ ହେବ ଭାବ ନାହିଁ। କାରଣ ଯେଉଁ ଲୋକମାନଙ୍କର ହାତ ନାହିଁ ସେମାନଙ୍କର ମଧ୍ୟ ଭବିଷ୍ୟତ ଅଛି, ତେଣୁ ନିଜ କର୍ମ ଉପରେ ବିଶ୍ୱାସ କର! ହାତର ରେଖାକୁ ନୁହେଁ !

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୩-୨୯

**ମେଷ**



ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ବିବାଦୀୟ ମନ୍ତବ୍ୟରେ ସମାଲୋଚନା, କଳ କାରଖାନାର ନବୀକରଣ, ଉପଶମିତ ଯନ୍ତ୍ରଣାରୁ ଖୁସୀ, ଅର୍ଥପ୍ରାପ୍ତି ପାଇଁ ଲବି, ଆଲୋଚନାରେ ଅଗ୍ରଗତି, ଗୁରୁଜନଙ୍କ ସାନ୍ତ୍ୱନାବାଣୀ, ବ୍ୟବସାୟିକ ସଫଳତା।

**ବୃଷ**



ମାନସିକ ଅସ୍ଥିରତା, ବିଳମ୍ବିତ ଉପସ୍ଥିତି, କୈଫିୟତ ତଲବ, ଋଣସୂତ୍ରରେ ଅର୍ଥପ୍ରାପ୍ତି, ବୃତ୍ତି ବାଣିଜ୍ୟରେ ଉନ୍ନତି, ସନ୍ତାନଙ୍କ ବିଶୃଙ୍ଖଳା, ବିବାଦର ସମାଧାନ, ସେବା ମନୋଭାବରୁ ପ୍ରଶଂସା।

**ମିଥୁନ**



କଳୁଷିତ ପରିବେଶରୁ ଅଶାନ୍ତି, ସ୍ୱାର୍ଥହାନିର ଆଶଙ୍କା, ସ୍ଥଗିତ କର୍ମାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ଅର୍ଥସାହାଯ୍ୟ ପାଇବେ, ନୀରବଦ୍ରଷ୍ଟା ସାଜିବାକୁ ପଡିବ, ମନ ପସନ୍ଦର ଜିନିଷ କ୍ରୟ।

**କର୍କଟ**



ଉନ୍ନତ ଚିନ୍ତା, ସଫଳ ଯୋଜନା, ପରୀକ୍ଷାରେ କୃତିତ୍ୱ, ସମ୍ପର୍କର ଅଭିବୃଦ୍ଧି, ବନ୍ଧୁଙ୍କ ଅପପ୍ରଚାର, ନବଜାତ ସନ୍ତାନର ସୂଚନା, କର୍ମକ୍ଷେତ୍ରରେ ଗୌରବ, ନିରାମୟ ସ୍ୱାସ୍ଥ୍ୟ, ବିବାଦୀୟ ଘଟଣାର ଦୁଶ୍ଚିନ୍ତା, ଋଣପରିଶୋଧ ପାଇଁ ବ୍ୟଗ୍ରତା।

**ସିଂହ**



ସ୍ନାୟବିକ ଦୁର୍ବଳତା, ସଜ୍ଜନ ସଙ୍ଗତିରୁ ଆନନ୍ଦ, ରୁକ୍ଷକଥାରୁ ସମ୍ପର୍କହାନି, ଅର୍ଥସମ୍ବନ୍ଧୀୟ ବିବାଦ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାରେ ବାଧା, ନୂତନ ସମ୍ପର୍କ ସୃଷ୍ଟି, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ପ୍ରଶାସନିକ ଆଲୋଚନା।

**କନ୍ୟା**



ଉନ୍ନତ ପରିକଳ୍ପନା, ଅଂଶୀଦାରଙ୍କ ସମର୍ଥନ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟବହାରରେ ସମାଲୋଚନା, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ, କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି, ଶାରୀରିକ ଅସୁସ୍ଥତା।

**ତୁଳା**



ମଧୁର ଅନୁଭୂତି, ଶୃଙ୍ଖଳିତ ଜୀବନଚର୍ଯ୍ୟା, ନିରବଚ୍ଛିନ୍ନ କାର୍ଯ୍ୟପନ୍ଥା, ଖଟାମିଠାର ପାରିବାରିକ ଜୀବନ, ବିଦେଶ ଯାତ୍ରା, ମାଙ୍ଗଳିକ କାମର ପ୍ରସ୍ତୁତି, ବ୍ୟବସାୟିକ ସଫଳତା, କଚେରି ମାମଲାର ଫଇସଲା।

**ବିଛା**



କାର୍ଯ୍ୟହାନିରୁ ମନସ୍ତାପ, ମାନସିକ ଅସ୍ଥିରତା, ଏଜେନ୍ସିପର ପ୍ରସାର, ବୀମାବାବଦରୁ ଅର୍ଥପ୍ରାପ୍ତି, ଶେୟାର ବଜାରରୁ ଉନ୍ନତି, ଆର୍ଥିକ ମାନଦଣ୍ଡ ବଦଳିବ, ଭୁଲ୍‌କାମ କରିପାରନ୍ତି, ପରିବାରରେ ବୃଥା ସନ୍ଦେହ।

**ଧନୁ**



କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ସହଯୋଗ, ପାରିବାରିକ ସମସ୍ୟା, ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ପ୍ରତୀକ୍ଷିତ ଖବର ପ୍ରାପ୍ତି, ଅର୍ଥସାହାଯ୍ୟ ମିଳିବ, ପଦାଧିକାରୀଙ୍କ ପ୍ରତିଶ୍ରୁତି, ସଭାସମିତିକୁ ନିମନ୍ତ୍ରଣ, କଳାସାହିତ୍ୟରେ ପ୍ରଶଂସା।

**ମକର**



ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, କର୍ମକ୍ଷେତ୍ରରେ ଗୌରବ, ଗୁରୁଦାୟିତ୍ୱ ବହନ କରିବେ, ବାକ୍ ଅସଂଯମତାରୁ କଳହ, ସୁସମ୍ପର୍କ ବ୍ୟାହତ ହେବ, ବାଣିଜ୍ୟରୁ ଲାଭ, ଗବେଷଣାରେ ଅଗ୍ରଗତି, ବିଦେଶଯାତ୍ରାର ସୁଯୋଗ।

**କୁମ୍ଭ**



କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସମ୍ମାନ ଓ ପ୍ରତିଷ୍ଠା ଲାଭ, ମନପ୍ରଫୁଲ୍ଲିତ ରହିବ, ଅବହେଳିତ କାର୍ଯ୍ୟରୁ ଅନୁତାପ, ଈର୍ଷାପର ବନ୍ଧୁଙ୍କ ମିଥ୍ୟାଭିଯୋଗ, ପରିବହନରେ ଝଗଡା, ବ୍ୟବସାୟରେ ସଂକୋଚ, ଘରୋଇ ସମସ୍ୟାରୁ ଅଶାନ୍ତି, ବୁଝାମଣାରେ ଉନ୍ନତି।

**ମୀନ**



ମାନସିକ ଅବସାଦ, ବୃତ୍ତିଗତ ବିଶୃଙ୍ଖଳା, ଆର୍ଥିକ ଅବନତି, ମିତ୍ରବନ୍ଧୁଙ୍କ ଅସହଯୋଗ, ସହକର୍ମୀଙ୍କ ଉଦାରତା, ପାରିବାରିକ ସମସ୍ୟା, ବିଷାଦଗ୍ରସ୍ତ ହେବେ, କର୍ମୋନ୍ନତି, ସନ୍ତାନହେତୁକ ଗୌରବ, କ୍ରୀଡ଼ା ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ।

# ବାୟୋଡିଗ୍ରେଡେବଲ୍ ଫେସ୍ ମାସ୍କ

କରୋନା ସଂକ୍ରମଣରୁ ରକ୍ଷା ପାଇବାକୁ ମାସ୍କର ବ୍ୟବହାର ସମସ୍ତଙ୍କ ପାଇଁ ଖୁବ୍ ଜରୁରୀ ହୋଇପଡିଛି। କିନ୍ତୁ ଅନେକେ ମାସ୍କର ବ୍ୟବହାର ପ୍ରତି ଯେତିକି ସଚେତନ ରହୁଛନ୍ତି, ବ୍ୟବହାର ପରେ ମାସ୍କକୁ କେମିତି ନଷ୍ଟ କରାଯିବ ସେଥିପ୍ରତି ଦାୟିତ୍ୱବାନ୍ ହେଉ ନାହାନ୍ତି ; ଯଦ୍ୱାରା ବ୍ୟବହୃତ ମାସ୍କଗୁଡ଼ିକ ଏଣେତେଣେ ପଡି ପରିବେଶକୁ ପ୍ରଦୂଷିତ କରିବା ସହିତ ଅନେକ ସମୟରେ ନିରୀହ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏହାକୁ ଲକ୍ଷ୍ୟ କରି ମାଙ୍ଗାଲୋରସ୍ଥିତ ଏକ ସୋଶିଆଲ୍ ଏଣ୍ଟରପ୍ରାଇଜ୍ କମ୍ପାନୀ ଏମିତି ଏକ ବାୟୋଡିଗ୍ରେଡେବଲ୍ ମାସ୍କ ତିଆରି କରିଛି, ଯାହା ଲୋକଙ୍କୁ ସଂକ୍ରମଣରୁ ରକ୍ଷା ଦେବା ସହ ପରିବେଶକୁ ମଧ୍ୟ ପ୍ରଦୂଷଣମୁକ୍ତ ରଖିପାରୁଛି। ଉକ୍ତ କମ୍ପାନୀର ମାସ୍କଗୁଡ଼ିକ ମୁଖ୍ୟତଃ ରିସାଇକେଲ୍ଡ କଟନ୍ ର୍‍ୟାଗ୍ସ ଦ୍ୱାରା ତିଆରି ହୋଇଥାଏ ; ଯାହାର ବାହ୍ୟ ପାର୍ଶ୍ୱରେ କଟନ୍ ପ୍ଲପ୍ (ଯେଉଁଥିରେ ବିଭିନ୍ନ ପ୍ରକାର ପନିପରିବାର ମଞ୍ଜି ମିଶିକି ଥାଏ) ବ୍ୟବହାର ହୋଇଥିବାବେଳେ ଭିତର ପାର୍ଶ୍ୱରେ ନରମ ସୂତା କପଡ଼ାର ବ୍ୟବହାର କରାଯାଇଥାଏ। ତା'ସହିତ ଏହା



ସଂକ୍ରମଣକୁ ରୋକିବା ପାଇଁ ଆବଶ୍ୟକୀୟ ମୋଟା ହେବା ସହ ଖୁବ୍ ପ୍ରଭାବଶାଳୀ ମଧ୍ୟ ହୋଇଥାଏ। ଅନ୍ୟ ମାସ୍କ ପରିକା ଏହି ମାସ୍କକୁ ବ୍ୟବହାର କରି ଏଣେତେଣେ ଫୋପାଡି ଦେଲେ ବି ଏହା ସେମିତି ପଡି ନ ରହି ଖୁବ୍‌ଶୀଘ୍ର ମାଟିରେ ମିଶିଯାଏ। ଆଉ ଯଦି ଏହି ମାସ୍କକୁ ମାଟିରେ ପୋତି ସେଥିରେ କିଛି ପାଣି ଦିଆଯାଏ, ତା'ହେଲେ କିଛିଦିନ ପରେ ସେଥିରୁ ଗଛ ବି ବାହାରିଥାଏ। ତେଣୁ ପରିବେଶ ଅନୁକୂଳ ଏହି ମାସ୍କ ପ୍ରତି ଲୋକଙ୍କର ଚାହିଦା ଏବେ ଖୁବ୍ ବଢୁଥିବା ଉକ୍ତ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ପାଠକୀୟ

▶ଜନ୍ମିତ ସନ୍ତାନ ନୁହେଁ, ଅନ୍ୟର ସନ୍ତାନକୁ କୋଳରେ ଧରି ନିଜେ ଗଢ଼ି ହୋଇ ସେମାନଙ୍କୁ ଗଢୁଥିବା ଦେବୀପଣ ହିଁ ମା' ପଣ। ମାତୃତ୍ୱର ସକଳ ମର୍ଯ୍ୟାଦାରେ ଗରିମାମଣ୍ଡିତା ସେଭଳି ମା'ମାନଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗ 'ମମତାର ପ୍ରତିମୂର୍ତ୍ତି' ଖୁବ୍ ହୃଦୟସ୍ପର୍ଶୀ ଥିଲା। 'ବାହାଘରରେ ବିଳମ୍ବ ହେଉଥିଲେ' କ'ଣ ସବୁ ବାସ୍ତୁ ଉପଚାର କରିବାକୁ ହୁଏ, ତାହା ମଧ୍ୟ ଏଥରର ଛୁଟିଦିନରୁ ପଢ଼ି ଖୁସି ଲାଗିଲା। 'ହାତକୁ କେମିତି ରଖିବେ ସୁନ୍ଦର' ପାଠଟି ବି ଅତି ଚମତ୍କାର ଥିଲା।

*–ଆଭ୍ୟା ଦାଶ, ବଳଗଣ୍ଡି ଛକ, ପୁରୀ*

▶ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ମମତାର ପ୍ରତିମୂର୍ତ୍ତି' ପାଠଟି ଏକ ମନଛୁଆଁ ଆଲେଖ୍ୟ ଥିଲା। ଏଥିରୁ ଛୁଆ ପ୍ରତି ମା'ମାନଙ୍କର କେମିତି ଅନାବିଳ ସ୍ନେହ ଥାଏ ତାହାର କିଛି ନିଚ୍ଛକ ପ୍ରମାଣ ଜାଣିବାକୁ ମିଳିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ କଣ୍ଠଶିଳ୍ପୀ ଗୀତା ଦାସଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ମାଆର ମାଗୁଣି' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

*–ସନ୍ତୋଷୀ ପ୍ରଧାନ, ପୋଖରୀପୁଟ, ଭୁବନେଶ୍ୱର*

▶ସିନେମା ପୃଷ୍ଠାରେ ସ୍ଥାନିତ 'ବିଦ୍ୟାଙ୍କ ପ୍ରଶଂସାରେ କଙ୍ଗନା', 'ଅନୁତାପ କରୁଛନ୍ତି ପରିଣିତି' ଏବଂ 'ଚାରି ଶହରେ ଜଣେ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଲାଖି ହୋଇପାରିଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ସଞ୍ଜୁକ୍ତା ପାଢୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ହୃଦୟକୁ ବେଶ୍ ଛୁଇଁ ଯାଇଥିଲା। ଅନ୍ୟପକ୍ଷେ ସାଥୀର ଉତ୍ତରଗୁଡ଼ିକ ମଧ୍ୟ ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା।

*–ଅମର ପରିଜା, ସୁନ୍ଦରଗଡ଼*

▶ଏଥରର ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ମା'ଙ୍କ ପ୍ରିୟ ଜୁଏଲେରି' ଭାବେ ନୂଆ ଏକ ଟ୍ରେଣ୍ଡ ଆରମ୍ଭ ହୋଇଥିବା କୁନି କୁନି ହାତ ଓ ପାଦର ଜୁଏଲେରି ସମ୍ପର୍କରେ ଅନେକ ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଦୀପ୍ତି ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ କର୍ନାଟକର ଅନନ୍ୟ ଶୈଳନିବାସ ସକଲେଶପୁର ସମ୍ପର୍କରେ ବହୁ ନୂଆ ନୂଆ କଥା ଜାଣିହେଲା।

*–ଶ୍ରୀୟାଶ୍ରୀ ମିଶ୍ର, ଯାଜପୁର ଟାଉନ୍*

▶ବିବିଧା ପୃଷ୍ଠାରେ ସ୍ଥାନିତ 'ବିନା ସୁରକ୍ଷାରେ ଧରନ୍ତି ମହୁମାଛି' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ '୩୧ ବର୍ଷ ଧରି ଖାଉଛନ୍ତି ଗୋଡିପଥର', 'ଗୋଟିଏ ଡ୍ରେସ୍ ୧୦୦ ଦିନ', '୫ ଫୁଟିଆ ଥାଳିରେ ପରଷାଯାଏ ଖାଦ୍ୟ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଗୋ ସୁରକ୍ଷା ପ୍ରତି ଚିନ୍ତା କରୁଥିବା 'ମହାତ୍ମା ଗାନ୍ଧୀ ଗୋଶାଳା କେନ୍ଦ୍ର'ର ମହତ୍ କାର୍ଯ୍ୟ ସମ୍ପର୍କରେ ଜାଣି ଖୁସି ଲାଗିଲା।

*–ଜୟନ୍ତୀ ରଥ, ଭବାନିପାଟଣା*

## ବିଶେଷ ଚିଠି



ଛୁଟିଦିନ ତୁମ ପ୍ରଚ୍ଛଦ ପ୍ରସଙ୍ଗ
ଲାଗେ ସବୁବେଳେ ନିଆରା
ପାଠକଙ୍କ ପାଖେ ମେଲାଇଦିଏ
କେତେ ନୂଆ ନୂଆ ପସରା।
ସାଥୀର ଉତ୍ତର ଲାଗେ ଚମତ୍କାର
ସିନେମା ବି ଦିଏ ସେଲିବ୍ରିଟିଙ୍କ ଖବର
ବିବିଧା ଓ ବ୍ୟାକ୍‌ପେଜ୍ ଜଣାଏ
ଅଜବ ଅଜବ କଥା ଦୁନିଆର।
ସତରେ ଛୁଟିଦିନ ତୁମେ ଅମୂଲ୍ୟ
ତୁମ ସଙ୍ଗେ ଆଉ କିଏ ହେବ ତୁଲ୍ୟ।

*–ରାହାସ ବିହାରୀ ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଦୂଷିତ ଚିଳିକା







ଦିନକୁଦିନ ଚିଲିକାର ପରିସ୍ଥିତି ବିପନ୍ନ ହେଉଛି । କ୍ରମଶଃ ପଙ୍କ ଓ ପଟୁମାଟିରେ ପୋତି ହୋଇପଡୁଛି ଚିଲିକା। ଅନେକ ନୂତନ କୁଦ ସୃଷ୍ଟି ହେଉଛି। ଚିଲିକା ଦେହରେ ବହୁ କୃତ୍ରିମ ପୋଖରୀ ଯୋଗୁ ଚିଲିକାର ପ୍ରାକୃତିକ ପରିବେଶ ସଙ୍କୁଚିତ ହେଉଛି। ଚିଲିକାରେ ବହୁଳମାତ୍ରାରେ ମେଶିନଡଙ୍ଗା ଚଳପ୍ରଚଳର ଘର୍‌ଘର୍ ଶବ୍ଦରେ ଉତୁରିପଡୁଛି ତା'ର ନୀଳ ଜଳରାଶି। ହ୍ରାସପାଉଛି ମତ୍ସ୍ୟ ସମ୍ପଦ। ଚୋରା ପକ୍ଷୀ ଶିକାରୀଙ୍କ ଯୋଗୁ ପକ୍ଷୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟିକରୁଛି। ବହୁଳମାତ୍ରାରେ ନଳଘାସ ବଢୁଥିବାରୁ ଶୋଭାମୟୀ ଚିଲିକାର ରୂପ ବଦଳି ଯାଉଛି। ପୁଣି କରୋନା କଟକଣା ପରସ୍ଥିତିରେ ଚିଲିକା ଉପରେ ନିର୍ଭରଶୀଳ ଲୋକଙ୍କ ଅବସ୍ଥା ଜଟିଳ ହୋଇପଡୁଛି। ଏମିତି ବହୁବିଧ ସମସ୍ୟାରେ ଅଣନିଃଶ୍ୱାସୀ ହୋଇପଡୁଛି ଚିଲିକା ।

**ଚିଲିକା, ଚିଲିକା ହୋଇ ରହିବ ତ?**–ଚିଲିକା ହ୍ରଦର ଯେପରି ଦ୍ରୁତ ଅବକ୍ଷୟ ଘଟିଚାଲିଛି ଏହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏପରିକି ଚିଲିକା ଉପକୂଳବର୍ତ୍ତୀ ଜଙ୍ଗଲଗୁଡ଼ିକରୁ ବହୁଳମାତ୍ରାରେ ଗଛକାଟିବା ଓ ଜଙ୍ଗଲ ନଷ୍ଟ ହେଉଥିବାରୁ ମୃତ୍ତିକାକ୍ଷୟ ହୋଇ ଚିଲିକାରେ ପଡ଼ିଥିବା ବିଭିନ୍ନ ନଈନାଳ ଓ ନଦୀଗୁଡ଼ିକରେ ବର୍ଷକୁ ପ୍ରାୟ ତେର ନିୟୁତ ଟନ୍‌ରୁ ଉର୍ଦ୍ଧ୍ୱ ପଟୁମାଟି ଧୋଇହୋଇ ଚିଲିକାରେ ମିଶିଥାଏ। । ପ୍ରତିବର୍ଷ ୦.୩୬୫ ମିଲିୟନ ଟନ୍ ପଟୁମାଟି ଚିଲିକାହ୍ରଦ ମଧ୍ୟକୁ ପ୍ରବେଶ କରିଥାଏ। ଫଳରେ ଚିଲିକାର ଆୟତନ ବର୍ଷକୁ ହାରାହାରି ୧.୫ବର୍ଗ କି.ମି. କମିକମି ଆସୁଛି। ଚିଲିକାରେ ଅନେକ ନୂତନ କୁଦ ସୃଷ୍ଟିହେବାରୁ ଚିଲିକା ଦିନକୁ ଦିନ ସଙ୍କୁଚିତ ହେଉଛି। ଚିଲିକାର ବିଭିନ୍ନ ସ୍ଥାନରେ ଗଭୀରତାର ତାରତମ୍ୟ ରହିଛି। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଚିଲିକା ଜଳରେ ବାସ କରୁଥିବା ପ୍ରାଣୀ ଓ ଉଦ୍ଭିଦମାନଙ୍କ ପାଇଁ ଅତି କମ୍‌ରେ ଚିଲିକାରେ ପ୍ରାୟ ୧୫ ପିପିଟି ଲବଣାଂଶ ଆବଶ୍ୟକ ଥିବାବେଳେ ବିଭିନ୍ନ ଋତୁରେ ଏହା ମାତ୍ର ୧୦ପିପିଟି ଭିତରେ ହିଁ ରହୁଥିବାରୁ ଜଣାପଡ଼ିଛି। ୧୯୭୩ ମସିହାରେ ଚିଲିକାର ପ୍ରାୟ ୨୦ବର୍ଗ କି.ମି ପୋତି ହୋଇପଡ଼ିଥିବା ବେଳେ ୧୯୮୫ମସିହା ସୁଦ୍ଧା ଏହା ୨୪ ବର୍ଗକିମି ଅଞ୍ଚଳକୁ ବୃଦ୍ଧିପାଇଥିଲା। ଅନ୍ୟପକ୍ଷେ ଚିଲିକାର ଉପକୂଳବର୍ତ୍ତୀ ବିଭିନ୍ନ ଚାଷଜମିରୁ ବ୍ୟବହୃତ କୀଟନାଶକ ଔଷଧ ଚିଲିକାଜଳରେ ମିଶୁଛି। ଯନ୍ତ୍ରଚାଳିତ ଡଙ୍ଗାରୁ ନିର୍ଗତ ତୈଳ ଚିଲିକାଜଳରେ ବିଷାକ୍ତ ତୈଳଆସ୍ତରଣ ସୃଷ୍ଟି କରୁଛି।





ବେଆଇନ ଚିଙ୍ଗୁଡ଼ି ଚାଷରେ ଚିଲିକାଜଳ ପ୍ରଦୂଷଣ ମାତ୍ରା ବଢୁଛି। ଏଥିଯୋଗୁ ଚିଲିକାରେ ପ୍ରାକୃତିକ ଉପାୟରେ ଚଳପ୍ରଚଳ କରୁଥିବାର ମାଛମାନଙ୍କ ସଂଖ୍ୟା କମିବାରେ ଲାଗିଛି। ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବାୟୋମନିଟରିଂ ରିପୋର୍ଟରେ ଚିଲିକା ପ୍ରତି ବିପଦ ମାଡ଼ିଆସୁଥିବାର ସତର୍କ କରାଯାଇଛି। ପ୍ରଦୂଷଣବୋର୍ଡ଼ ୨୦୦୪ରେ ଚିଲିକା ଉପକୂଳର ରମ୍ଭା, ବରକୁଳ, ସାତପଡ଼ା, ମଗରମୁହଁ, କାଲୁପଡ଼ା, ବାଲୁଗାଁ, ସୋରଣ, ଭୁଷଣ୍ଡପୁର ଆଦି ଚିଲିକାକୂଳରୁ ସଂଗୃହୀତ ଜଳର ନମୁନାକୁ ପରିବେଶ ବିଜ୍ଞାନୀମାନେ ଅନୁଶୀଳନ କରିଛନ୍ତି। ସେବେଠାରୁ ବହୁବାର ଚିଲିକାର ଜଳକୁ ନେଇ ଅନୁଶୀଳନ କରାଯାଉଛି। ଚିଲିକା ନିକଟରେ ଥିବା ଜନବସତି ମଧ୍ୟରେ କାଲୁପଡ଼ାଘାଟ ଓ ବାଲୁଗାଁ ଚିଲିକା ଜଳରେ ପ୍ରଦୂଷଣ ମାତ୍ରା ଅଧିକ ବଢୁଥିବାର ଜଣାପଡ଼ିଛି। ଭୁଷଣ୍ଡପୁର–ମୁକ୍ତେଶ୍ୱର ଚିଲିକା ଅଞ୍ଚଳରେ ତିଆରି ହୋଇଥିବା ଶତାଧିକ କୃତ୍ରିମ ପୋଖରୀରେ ମାଛଚାଷ ପାଇଁ ବ୍ୟବହୃତ କେତେକ ପଚାଶଢ଼ା ବର୍ଜ୍ୟପଦାର୍ଥରୁ ସୃଷ୍ଟି ହେଉଥିବା ଆବର୍ଜନାର ପୂତିଗନ୍ଧରେ ବିଷାକ୍ତ ପରିବେଶ ଉପୁଜୁଛି। ଚିଲିକାର ପ୍ରଦୂଷଣକୁ ନିୟନ୍ତ୍ରଣ କରା ନ ଗଲେ ଆଗାମୀ କେତେ ବର୍ଷ ମଧ୍ୟରେ ଚିଲିକା ଯେ ତା'ର ପରିବେଶକୁ ବଦଳାଇ ଏକ ମୃତ ହ୍ରଦଭାବେ ପରିଣତ ହେବ ବୋଲି ପରିବେଶ ବିଜ୍ଞାନୀ ସୁରେନ୍ଦ୍ର ନାଥ ଦାଶ କହିଛନ୍ତି। ଚିଲିକାକୁ ପ୍ରାୟ ୪ଭାଗରେ ଭାଗ କରାଯାଇ ପ୍ରତି ଭାଗରେ ୬ଟି ସେଣ୍ଟର କରାଯାଇ ୨୪ଘଣ୍ଟିଆ ପରୀକ୍ଷା ଚାଲିଛି। ଚିଲିକା ଜଳରେ ପ୍ରତି ଘନ ମିଟର ପରିମିତ ଅଞ୍ଚଳର ଜଳରେ ପ୍ରାୟ ୩୬୦ ଗ୍ରାମ୍ ମିଥେନ ରହିଥିବାର ଜଣାପଡ଼ିଛି। ମାତ୍ରାଧିକ ନାଇଟ୍ରେଡ଼ ଫସ୍‌ଫେଟ ପ୍ରବେଶ କରୁଛି। ଏପରି ପ୍ରଦୂଷଣ ଦ୍ୱାରା ଚିଲିକା ଜଳରେ ଅମ୍ଳଜାନ ମାତ୍ରା ଦ୍ରୁତ ଗତିରେ ହ୍ରାସ ପାଉଛି। ଏହା ଅବ୍ୟାହତ ରହିଲେ ମତ୍ସ୍ୟ,ଜଳଜୀବ ଓ ପକ୍ଷୀଙ୍କ ନିଃଶ୍ୱାସ ପ୍ରଶ୍ୱାସ ନେଇ ନ ପାରି ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ରହିଛି। କୃଷ୍ଣପ୍ରସାଦ,ବ୍ରହ୍ମଗିରି ଓ ରମ୍ଭା ଅଞ୍ଚଳରେ କୃତ୍ରିମ ଚିଙ୍ଗୁଡ଼ି ଘେରି ଚିଲିକା ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି।

**ଚିଲିକାର ରୂପ ବଦଳୁଛି:**ପୂର୍ବେ ଚିଲିକାର କ୍ଷେତ୍ରଫଳ ୨୨୦୦ବର୍ଗକିମି ରହିଥିବାବେଳେ କ୍ରମଶଃ ପୋତିହୋଇ ଅନ୍ୟୂନ ପ୍ରାୟ ୮୦୦ବର୍ଗ କି.ମି.ରେ ପହଞ୍ଚିଲାଣି। ସାଟେଲାଇଟ (ଉପଗ୍ରହ) ଫଟୋଚିତ୍ରରୁ ଜଣାପଡ଼ିଛି ଯେ ଚିଲିକାର ଭୁଷଣ୍ଡପୁର–

→




ମଙ୍ଗଳାଯୋଡ଼ି, ସୋରଣ, ବାଲୁଗାଁ ଅଞ୍ଚଳରେ ପ୍ରାୟ ୮୦ବର୍ଗକିମି ପରିମିତ ଅଞ୍ଚଳ ପୋତି ହୋଇଗଲାଣି। ଚିଲିକାରେ କୃତ୍ରିମ ପୋଖରୀରେ ଚିଙ୍ଗୁଡ଼ି ଚାଷ ହଜାର ହଜାର ସଂଖ୍ୟକ ବାଲିବସ୍ତା ଓ ବାଉଁଶକିଳାରେ ଚିଲିକା ଆବଦ୍ଧ ହୋଇପଡୁଛି। ଚିଲିକାର ମଗରମୁହାଣ ପୂର୍ବେ ୧୭୮୦ରେ ଚଉଡ଼ା ପ୍ରାୟ ଏକ ମାଇଲରୁ ଅଧିକ ଥିଲା । ସମୟକ୍ରମେ ପୁରୁଣାମୁହାଣ ପୋତି ହୋଇ କେତୋଟି ସ୍ଥାନରେ ନୂଆ ମୁହାଣ ସୃଷ୍ଟି ହୋଇଛି। ୧୮୦୮ମସିହାରେ ଇରେଜ ସରକାର ଚିଲିକାମୁହାଣ ଖୋଲିଥିଲେ। ୧୮୨୫ରେ ପୁନଶ୍ଚ ଇରେଜ ସରକାର ଦ୍ୱିତୀୟଥର ଚିଲିକା ମୁହାଣ ଖୋଲିଥିବାର ଜଣାପଡ଼ିଛି। ୧୯୧୪ରେ ଏକ ସର୍ଭେ ଅନୁଯାୟୀ ଚିଲିକା ୯୦୬ବର୍ଗକିମିରେ ସୀମିତ ଥିଲା। ୧୯୨୪ରେ ଚିଲିକା ପାଣିର ଗଭୀରତା ହାରାହାରି ୨.୪ମିଟର ରହିଥିଲା। ୧୯୨୫ରେ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଥିଲା ଯେ ଚିଲିକା ପୋତି ହୋଇଯିବାର କାରଣମାନ ଜଣାପଡ଼ିଥିଲା। ୧୯୩୦ରେ ଚିଲିକାରେ ମାଛଧରା ବ୍ୟବସାୟ ବଢ଼ିଲା। ୧୯୬୩ ମସିହାରେ ଚିଲିକା କାଳିଜାଈ, କଳିଯୁଗେଶ୍ୱର ଓ ଚିଲିକାର ଲଙ୍ଗଳେଶ୍ୱର ଅଞ୍ଚଳରେ ଜଳରେ ଗଭୀରତାର ଅସମାନତା ଦେଖାଦେଇଥିଲା। ୧୯୯୦ରେ ଏକ ସର୍ଭେରୁ ଜଣାପଡ଼ିଲା ଯେ ଚିଲିକାର ଆୟତନ କ୍ରମଶଃ ହ୍ରସପାଇ ୮୦୫ ବର୍ଗକିମିରେ ସୀମିତ ରହିଲା। ୧୯୯୧ରେ ଚିଲିକାର ଗଭୀରତା ହାରାହାରି ୦.୫୧ରୁ ୧.୬ମିଟର ରହିଲା। ୧୯୯୨ମସିହାରେ ଚିଲିକା ଉନ୍ନୟନ ଗଠନ ହେଲା। ସେହିବର୍ଷ ଚିଲିକାମୁହାଣ ଖୋଳା ଅଧା ରହିଥିଲା। ୨୦୦୩ମସିହାରେ ଚିଲିକାର ସମନ୍ୱିତ ବିକାଶ ପାଇଁ ମାଷ୍ଟରପ୍ଲାନ ସମେତ ତିନୋଟି ସାମୁଦ୍ରିକ ଥାନା ପାଇଁ ଘୋଷଣା କରାଯାଇଥିଲା। ୨୦୦୪ରେ ଦ୍ୱାଦଶ ଅର୍ଥକମିଶନ ଚିଲିକା ଉନ୍ନୟନ ସଂସ୍ଥା (ସିଡିଏ)କୁ ଚିଲିକା ବିକାଶ ପାଇଁ ପ୍ରାୟ ୩୦କୋଟି ଟଙ୍କା ମଞ୍ଜୁର କରିଥିଲେ। ୧୯୭୨ମସିହାରେ ରାଜ୍ୟ ବନ୍ୟପ୍ରାଣୀ ଆଇନ ଭିତ୍ତିରେ ଏକ ସ୍ୱତନ୍ତ୍ର ବନ୍ୟବିଭାଗର ମାନ୍ୟତା ମିଳିଲା। ୧୯୭୩ରେ ଚିଲିକାର ନଳବଣକୁ 'ପକ୍ଷୀ ଅଭୟାରଣ୍ୟ'ଭାବେ ସ୍ୱତନ୍ତ୍ର ମାନ୍ୟତା ମିଳିଲା। ଚିଲିକା ନଳବଣର ନିଷିଦ୍ଧାଞ୍ଚଳକୁ ବିନା ଅନୁମତିରେ ପ୍ରବେଶ ନିଷେଧ କରାଗଲା। ସମୟକ୍ରମେ ବହୁ ଅର୍ଥ ବ୍ୟୟବରାଦରେ ନଳବଣର ଚାରିପଟ ଦିଗରେ ଚାରୋଟି ଟାୱାର ନିର୍ମାଣ କରାଯାଇଛି। ପକ୍ଷୀସୁରକ୍ଷା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ଚିଲିକା ଉପକୂଳବର୍ତ୍ତୀ ସୋରଣ, ମଙ୍ଗଳାଯୋଡ଼ି, ଭୁଷଣ୍ଡପୁର, ରମ୍ଭା, କଣାସ ଚିଲିକା ଅଞ୍ଚଳରେ ଚୋରା ପକ୍ଷୀ ଶିକାର ଚାଲୁଥିବା ବହୁ ନଜିର ରହିଛି। ସେହିପରି ଡଲ୍‌ଫିନ ସୁରକ୍ଷା ପାଇଁ ମଧ୍ୟ ଜନସଚେତନତା କରାଯାଇଥାଏ। ମାତ୍ର ମେଶିନ ବୋଟ ଓ କେତେକ ଜାଲରେ ଡଲ୍‌ଫିନ ଶିକାର ହୋଇ ମୃତ୍ୟୁ ଘଟୁଥିବାର ଦେଖିବାକୁ ମିଳେ।

**ଧାର୍ କରଜରେ ଜୀବନ ବିତେ :**ଚିଲିକାରେ ମତ୍ସ୍ୟସମ୍ପଦ କମିକମି ଯାଉଥିବାରୁ ଚିଲିକା ଉପରେ ନିର୍ଭରଶୀଳ ପ୍ରାୟ ୧୫୫ଖଣ୍ଡ ମତ୍ସ୍ୟଜୀବୀ ଗାଁର ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କ ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଚିଲିକାରେ ଦିନରାତି ଖଟୁଥିବା ମତ୍ସ୍ୟଜୀବୀଙ୍କ ଆଶାନୁରୂପକ ଗୁଜୁରାଣ ମେଣ୍ଟିପାରେନା। ଏଥିଯୋଗୁ ଅନେକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପଳାଇଥାନ୍ତି। ଅଭାବରେ ଭୋକର ଦାଉ ଅସହ୍ୟ





ହେବାରୁ ଅନେକ ମତ୍ସ୍ୟଜୀବୀ ମହିଳା ବାଧ୍ୟହୋଇ ବିଭିନ୍ନ ସ୍ଥାନରେ ଦାଦନ ଭାବେ ଖଟିଥାନ୍ତି। କିନ୍ତୁ କରୋନା ଲକଡାଉନ ପରିସ୍ଥିତିରେ ଧାରକରଜରେ ଜୀବନ ବିତେ। ରତନପୁରର ଛବି ବେହେରା କୁହନ୍ତି,ଏମିତି ସମୟରେ ଏବେ ଅଳ୍ପ ମାଛ ମିଳୁଛି, ଗାଁଗାଁ ବୁଲି ବିକୁଛୁ। ଚିଲିକାରେ ଆଗ ଅପେକ୍ଷା ସେପରି ଆଉ ବହୁଳ ପରିମାଣରେ ମାଛ ମିଳୁନାହିଁ। ବାହାରୁ ଆସୁଥିବା କିଛି ମାଛକୁ ଆଣି ବିକୁଛୁ। ଶିବ ବେହେରା କୁହନ୍ତି, ଚିଲିକାରେ ଦିନକୁଦିନ ନଳଘାସ ବଢୁଥିବାରୁ ଚିଲିକା ପୋତି ହୋଇପଡୁଛି । ଡଙ୍ଗା ଚଳପ୍ରଚଳରେ ଘୋର ଅସୁବିଧା ହେଉଛି। ପୁଣି ଭିତର ଚିଲିକାକୁ ଯାଇ ମାଛ ମାରୁଛୁ, ତାହା କିନ୍ତୁ ଯଥେଷ୍ଟ ନୁହେଁ। ସୋରଣର ସୁକାନ୍ତ ବେହେରା କୁହନ୍ତି କରୋନା ଯୋଗୁ ମାଛବେପାର ମାନ୍ଦା ହେଉଛି। ଚିଲିକାରେ ଦିନରାତି ପରିଶ୍ରମ କଲେ ବି ଆଜିକାଲି ମଜୁରି ଉଠୁ ନାହିଁ। କରୋନା କଟକଣାକୁ ନେଇ ସବୁଦିନ ଚିଲିକାକୁ ଯାଇହେଉନି, ପୁଣି ଯେବେ ଯାଉଛୁ ଯାହାକିଛି ମାଛ ମିଳୁଛି ତାହା ପୂରା କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛୁ। ବାଲୁଗାଁର ଭିକାରୀ ବେହେରା କୁହନ୍ତି, ଚିଲିକାରେ ବିଶେଷକିଛି ରୋଜଗାର ନ ହେବାରୁ ବର୍ଷେତଳେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପଳାଇଥିଲି, ମାତ୍ର କରୋନା କଥା ଶୁଣି ଲକଡାଉନ ପୂର୍ବରୁ ଜୀବନ ବଞ୍ଚେଇବା ଆଶାରେ ଗାଁକୁ ଫେରିଆସି ଚିଲିକାକୁ ଯାଉଥିଲି କିନ୍ତୁ ଦିନଯାକ ଖଟିଖଟି ମାଛ ତ ସେପରି ମିଳୁନି ଖାଲି ଦହଗଞ୍ଜରେ ବଞ୍ଚିଛୁ। ପଥରାର ରାଜନ ବେହେରା କୁହନ୍ତି, କରୋନା ପ୍ରକୋପରେ ଆମେ ଗରିବ ଲୋକ ମରିମରି ବଞ୍ଚିଛୁ । ନା ଖଟିବାକୁ ରାଜ୍ୟ ବାହାରକୁ ଯାଇପାରୁଛୁ ନା ଚିଲିକାକୁ ଯାଇ ଖଟିଲେ ସେପରି ପରିମାଣରେ ଗୁଜୁରାଣ ମେଣ୍ଟୁଛି। ଦିଲୀପ ବେହେରା କୁହନ୍ତି, ଚିଲିକାରେ ପୂର୍ବରୁ ମିଳୁଥିବା ବହୁ ପ୍ରକାରର ପ୍ରାକୃତିକ ମାଛ ଏବେ ଦେଖିବାକୁ ମିଳୁନି, ଅନେକ ମାଛ ଲୋପପାଇଗଲେଣି। କିନ୍ତୁ ଚିଲିକା ଉପକୂଳରେ ଓ ଭିତରେ ଗଢ଼ିଉଠିଛି ବହୁ କୃତ୍ରିମ ପୋଖରୀ ତାହା ପୁଣି ବାହାର ରାଜ୍ୟର ବହୁ ମୁନାଫାଖୋର ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ । ସେମାନେ ଏଥିରେ କୋଟିପତି ହେଉଥିବାବେଳେ ଆମ ଅଞ୍ଚଳର ମତ୍ସ୍ୟଜୀବୀ କେବଳ ଶ୍ରମିକଭଳି ଗୁଜୁରାଣ ମେଣ୍ଟାଉଛନ୍ତି। ଚିଲିକା ଆମ ଅଞ୍ଚଳର ଭାତହାଣ୍ଡି ମାତ୍ର ଆମେ ଏଠି ଉପବାସ ରହୁ । ବାହାର ଲୋକ ଲିଜ୍ ନେଇ ବେପାର କରନ୍ତି । ପ୍ରାକୃତିକ ଚିଲିକାର ପରିସ୍ଥିତିକୁ କିଏ ଦେଖୁଛି ? ଏବେ ପୁଣି କରୋନା ଲକଡାଉନରେ ଯେତେ ପରିଶ୍ରମ ହେଲେ ବି ମଜୁରି କମ୍ ମିଳେ । ଅରଖକୁଦ ଅଞ୍ଚଳର ସନିଆ ଜାଲି କୁହନ୍ତି ଅମ୍ଫନ ବାତ୍ୟାରେ ଘର ଭାଙ୍ଗି ଯାଇଥିଲା । ଜରିଘରେ ରହୁଥିଲୁ ଏବେ କରୋନା ଭୂତାଣୁ ଯୋଗୁ କୁଆଡ଼େ ବାହାରକୁ ବି ଯାଇପାରୁନୁ ସବୁଆଡ଼େ ଯିବାକୁ ମନା। କେବଳ ଦୁଃଖକଷ୍ଟରେ ଜୀବନ ବଞ୍ଚାଇଛୁ। ପାରିକୁଦ ଅଞ୍ଚଳର ଅଜୟ ସାହୁ କୁହନ୍ତି, ଆମ ଅଞ୍ଚଳରେ ଏକ ଚିଙ୍ଗୁଡ଼ି ଫିଲ୍‌ଡକୁ କାମ କରିବାକୁ ଯାଉଥିଲି । କିନ୍ତୁ କରୋନା ଯୋଗୁ ଏଠାରେ କାମ ବନ୍ଦ। ବାକିରେ ଧାରକରଜ କରି ଚଳୁଛି। ସେହିପରି ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଈଙ୍କ ପୀଠରେ ପୂଜା ସାମଗ୍ରୀ ଓ ମିଠାଦୋକାନ ଦେଇଥିବା ରବୀନ୍ଦ୍ର ସାହୁ କୁହନ୍ତି , କରୋନା ଲକ୍‌ଡାଉନ ଯୋଗୁ ଏଠାକୁ ପର୍ଯ୍ୟଟକ ଆସିବା ମନା । ଜୀବନ ବଞ୍ଚିବା ଦରକାର, ତାପରେ ଯାହା କିଛି। ଚିଲିକାକୁ ନେଇ ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀମାନେ କରୋନା କଟକଣାରେ ସୁରକ୍ଷିତ ଜୀବନ ରକ୍ଷାକରିବା ପାଇଁ ଘରେ ହାତବାନ୍ଧି ବସିବାକୁ ବାଧ୍ୟ ହେଉଛନ୍ତି। ଅନେକେ ଚିଲିକାକୁ ଯାଇପାରୁନାହାନ୍ତି କିନ୍ତୁ ଗରିବ ମତ୍ସ୍ୟଜୀବୀଙ୍କ ଅବସ୍ଥା ଜଟିଳ ହୋଇପଡ଼ିଛି।

**-ବନବିହାରୀ ବେହେରା**





# ସମର ବ୍ଲାଉଜ ଫ୍ୟାଶନ



**ଶାଢ଼ି ସାଙ୍ଗକୁ ମ୍ୟାଚିଂ ବ୍ଲାଉଜ୍ ଯେମିତି ସୁନ୍ଦର ଦେଖାଯାଏ, ଏହାକୁ ପିନ୍ଧିଲେ ମହିଳାଙ୍କୁ ସେମିତି ଆକର୍ଷଣୀୟ ଲୁକ୍ ମିଳିଥାଏ। ବିଶେଷକରି ଖରାଦିନ ପାଇଁ ମଧ ରହିଛି ଅନେକ ଲାଟେଷ୍ଟ ଡିଜାଇନ୍‌ର ବ୍ଲାଉଜ୍, ଯାହାକୁ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିବା ସହ ଦେହକୁ ବେଶ୍ ଆରାମ ଅନୁଭବ ହୋଇଥାଏ..**







**ଖ**ରାଦିନେ ଗରମ ଦାଉରୁ ରକ୍ଷାପାଇବା ପାଇଁ ପ୍ରାୟ ସମସ୍ତେ ହାଲୁକା ଫୁଲ୍‌କା ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏପରିକି ଶାଢ଼ିପ୍ରିୟ ମହିଳାମାନେ ବି ଖରାଦିନେ ଲାଇଟ୍ ୱେଟ୍ ବା ହାଲୁକା ଓଜନ ବିଶିଷ୍ଟ ଶାଢ଼ି ପିନ୍ଧିଥାନ୍ତି। ତା'ସାଙ୍ଗକୁ କମ୍ଫଟେବଲ୍ ଲାଗୁଥିବା ବ୍ଲାଉଜ୍ ବି ସେମାନେ ଟ୍ରାଏ କରିଥାନ୍ତି। ତେବେ ଖରାଦିନେ କେଉଁ ଷ୍ଟାଇଲ୍‌ର ବ୍ଲାଉଜ୍ ପିନ୍ଧିଲେ ଦେହକୁ ଆରାମ ଲାଗିବା ସହ ଆକର୍ଷଣୀୟ ଲୁକ୍ ମିଳିଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**ରାଉଣ୍ଡ ଶେପ୍:** ଖରାଦିନେ ଅଧିକାଂଶ ମହିଳା ଶାଢ଼ି ସାଙ୍ଗରେ ବ୍ୟାକ୍‌ଲେସ୍ ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କାରଣ ଏହା ପିନ୍ଧିବାକୁ କମ୍ଫଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଖାସ୍‌କରି ରାଉଣ୍ଡ ଶେପ୍‌ର ବ୍ୟାକ୍‌ଲେସ୍ ବ୍ଲାଉଜ୍ ୟୁନିକ୍ ଲାଗେ। ତା'ଛଡ଼ା ଏହି ଡିଜାଇନ୍‌ର ବ୍ଲାଉଜ୍‌କୁ ଖୁବ୍ ସହଜରେ ତିଆରି ମଧ କରିହୁଏ।

**ନୋଟେଡ୍ ଷ୍ଟାଇଲ୍:** ଷ୍ଟାଇଲିଶ୍ ଲୁକ୍ ପାଇଁ ମହିଳାମାନେ ଚାହିଁଲେ ନୋଟେଡ୍ ଷ୍ଟାଇଲ୍ ବ୍ଲାଉଜ୍ ତିଆରି କରି ପିନ୍ଧିପାରିବେ। ଏହି ଷ୍ଟାଇଲ୍ ବ୍ଲାଉଜ୍‌ର ଟ୍ରେଣ୍ଡ ବର୍ତ୍ତମାନ ଖୁବ୍ ଚାଲିଛି। କେବଳ ଶାଢି ସାଙ୍ଗରେ ନୁହେଁ ବୋଲ୍ଡ ଲୁକ୍ ପାଇଁ ଯୁବତୀମାନେ ଇଚ୍ଛା କଲେ ଏହାକୁ ଲଙ୍ଗ୍ ସ୍କର୍ଟ୍ ସାଥିରେ ମଧ କ୍ୟାରି କରିପାରିବେ। ଖାସ୍‌କରି ଖରାଦିନେ ଏହି ଷ୍ଟାଇଲ୍‌ର ବ୍ଲାଉଜ୍‌କୁ କ୍ୟାରି କରିବା ବେଶ୍ ଆରାମଦାୟକ ହୋଇଥାଏ।

**ଡିପ୍‌ନେକ୍‌ବ୍ଲାଉଜ୍:** ଯଦି କୌଣସି ମହିଳାଙ୍କୁ ବ୍ୟାକ୍‌ଲେସ୍ ବ୍ଲାଉଜ୍ ପିନ୍ଧିବା ପସନ୍ଦ ନୁହେଁ, ତା'ହେଲେ ସେମାନେ ଚାହିଁଲେ ଏହା ପରିବର୍ତ୍ତେ ଡିପ୍ ନେକ୍ ବ୍ଲାଉଜ୍ ଟ୍ରାଏ କରିପାରିବେ। ଶାଢି ସାଙ୍ଗରେ ମ୍ୟାଚିଂ କରି ଏହି ବ୍ଲାଉଜ୍ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ। ଯେହେତୁ ଏହି ବ୍ଲାଉଜ୍‌ର ନେକ୍ ଡିଜାଇନ୍ ଡିପ୍ ହୋଇଥାଏ, ତେଣୁ ଏହାକୁ ଖରାଦିନେ ପିନ୍ଧିଲେ ବେଶି ଗରମ ଲାଗେନାହିଁ। ତା'ଛଡ଼ା ଏହି ବ୍ଲାଉଜ୍ ସାଙ୍ଗକୁ ମୁଣ୍ଡରେ ଖୋସା ବେଶ୍ ଭଲ ମାନିଥାଏ।

**ଟ୍ରାନ୍ସପରେଣ୍ଟ ହାଫ୍ ରାଉଣ୍ଡ ନେକ୍:** ଯେଉଁ ମହିଳାମାନଙ୍କୁ ସବୁବେଳେ କିଛି ନା କିଛି ନୂଆ ଟ୍ରାଏ କରିବା ପସନ୍ଦ, ସେମାନଙ୍କୁ ଟ୍ରାନ୍ସପରେଣ୍ଟ ବ୍ୟାକ୍ ନେକ୍ ବାଲା ଏହି ୟୁନିକ୍ ଡିଜାଇନ୍‌ର ବ୍ଲାଉଜ୍ ନିଶ୍ଚୟ ପସନ୍ଦ ଆସିବ। ଏହି ଷ୍ଟାଇଲ୍ ବ୍ଲାଉଜ୍‌ର ସେଣ୍ଟର୍‌ରେ ସେମାନେ ଚାହିଁଲେ ବଟମ୍ କିମ୍ବା ଜିପ୍ ମଧ ଲଗାଇପାରିବେ। ଟ୍ରାନ୍ସପରେଣ୍ଟ ଡିଜାଇନ୍ ଯୋଗୁ ଏହି ବ୍ଲାଉଜ୍‌କୁ ଖରାଦିନେ କ୍ୟାରି କରିବାରେ ସେମିତି କିଛି ବିଶେଷ ଅସୁବିଧା ନଥାଏ।

**ସ୍ଲିଭ୍ ଲେସ୍ ବ୍ଲାଉଜ୍:** ଏହି ଷ୍ଟାଇଲ୍‌ର ବ୍ଲାଉଜ୍‌କୁ ମଧ ଖରାଦିନେ ପିନ୍ଧିଲେ ବେଶ୍ ଆରାମ ଲାଗିଥାଏ। ସ୍ଲିଭ୍‌ଲେସ୍ ଯୋଗୁ ଏହାକୁ ପିନ୍ଧିଲେ ଦେହକୁ ବେଶି ଗରମ ଅନୁଭବ ହୁଏନାହିଁ। ଯେଉଁମାନେ ଘରେ ପ୍ରତିଦିନ ଶାଢି ପିନ୍ଧୁଛନ୍ତି, ସେମାନେ ଚାହିଁଲେ ମାର୍କେଟ୍‌ରୁ କଟନ୍ ଫ୍ୟାବ୍ରିକ୍‌ର ସ୍ଲିଭ୍ ଲେସ୍ ବ୍ଲାଉଜ୍ କିଣି ଆଣି ଟ୍ରାଏ କରିପାରିବେ। ନଚେତ୍ ଅନେକ ଷ୍ଟାଇଲିଶ୍ ଡିଜାଇନ୍‌ର ସ୍ଲିଭ୍ ଲେସ୍ ବ୍ଲାଉଜ୍ ବି ଏବେ ମାର୍କେଟ୍‌ରେ ମିଳିଲାଣି, ମହିଳାମାନେ ଚାହିଁଲେ ଏହାକୁ ନିତ୍ୟ ବ୍ୟବହାର୍ଯ୍ୟ କରିପାରିବେ କିମ୍ବା ବାହାରକୁ କୁଆଡ଼େ ବୁଲିବାକୁ ଗଲାବେଳେ ମ୍ୟାଚିଂ ଶାଢ଼ି ସାଙ୍ଗରେ ପିନ୍ଧି ୟୁନିକ୍ ଲୁକ୍ ପାଇପାରିବେ।







# ସାହିତ୍ୟ ଓ ସମ୍ପର୍କର ଚିରସ୍ରୋତା ନଈ: ହିରଣ୍ମୟୀ

ତାଙ୍କ ସହ କିଛି ନିରୋଳା ସମୟ ଏକ କମନୀୟ ଅନୁଭବ। ଯେତେଥର ଭେଟନ୍ତୁ , କଥା ହୁଅନ୍ତୁ କି ତାଙ୍କୁ ତାଙ୍କ ଲେଖା ଭିତରୁ ପଢ଼ି ଜାଣନ୍ତୁ ସେତିକି ସେତିକି ଏକ ନୂଆପଣର ନିଆରା ଉଚ୍ଛାଟନ ନିଜ ଭିତରେ ପ୍ରତ୍ୟକ୍ଷ କରିହେବ। ମନକୁ ଏକାନ୍ତ ଆବେଗରେ ବାନ୍ଧି ପକାଉଥିବା ସ୍ୱଚ୍ଛ , ଅଣପାରମ୍ପରିକ ସ୍ୱର ତାଙ୍କ ଲେଖାର ଚରିତ୍ର। ସମୃଦ୍ଧ ଓ ବିସ୍ତୃତ ତାଙ୍କ ପାଠକୀୟତାର ପରିସର। ଶିକ୍ଷାୟତନର ଶିକ୍ଷାର୍ଥୀଙ୍କୁ ମନୋବଳ ଦେବା ହେଉ ଅଥବା ସାହିତ୍ୟଜଗତର ନବପ୍ରତିଭାଙ୍କୁ ଉତ୍ସାହ ଓ ପ୍ରେରଣା, ସାଙ୍ଗଠନିକ କାର୍ଯ୍ୟରେ ପ୍ରତ୍ୟୁତ୍ପନ୍ନମତିତା ହେଉ କି ସାମାଜିକ ଦାୟିତ୍ୱବତ୍ତାକୁ ନେଇ ତାଙ୍କ କୋମଳ ଦକ୍ଷତା କେବଳ ଓଡ଼ିଶା ଭଳି ରାଜ୍ୟ ନୁହେଁ ଦେଶ ବିଦେଶରେ ତାଙ୍କୁ ବିପୁଳ ଲୋକପ୍ରିୟତା ଦେଇଛି । ନିକାଞ୍ଚନରେ ନିଃସରିତ ସର୍ଜନାର ସଂଚରଣ ସମ୍ପର୍କ ମାଧ୍ୟମରେ ହୋଇଥାଏ ବୋଲି ବୁଝୁଥିବା ବ୍ୟକ୍ତିତ୍ୱ ଜଣକ ହେଉଛନ୍ତି ଡ. ହିରଣ୍ମୟୀ ମିଶ୍ର। ଗାଳ୍ପିକା, ଔପନ୍ୟାସିକା, ଭ୍ରମଣ କାହାଣୀ ଲେଖିକା, ଗବେଷିକା, କବି ତଥା ପ୍ରାଧ୍ୟାପିକା ଏହିପରି ଅନେକ ପରିଚୟର ମଣିଷ ଡ. ହିରଣ୍ମୟୀ ମିଶ୍ର। ୧୯୬୮ ମସିହା ଜୁନ ଦୁଇ ତାରିଖରେ ଜନ୍ମିତା ହିରଣ୍ମୟୀ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ.ଏ., ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଏମ.ଫିଲ. ଓ ଇଂଲଣ୍ଡର ୟର୍କ ବିଶ୍ୱବିଦ୍ୟାଳୟରୁ ଓମେନ ଷ୍ଟଡିଜରେ ପିଏଚ. ଡି. ଲାଭ କରିଛନ୍ତି। ସମ୍ପ୍ରତି ସେ ଅଡ଼ଶପୁରର ୟୁ.ଏନ. ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ରୂପେ ଅବସ୍ଥାପିତ। ସେଣ୍ଟର ଫର ଓମେନ ଷ୍ଟଡିଜର ନିର୍ଦ୍ଦେଶିକା ହିରଣ୍ମୟୀ ନାରୀ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ବାମବାଦୀ ବିମର୍ଶକୁ ବ୍ୟାପକ କରିବାକୁ ପ୍ରୟାସରତ। ତପସ୍ୟା ଫାଉଣ୍ଡେସନ, ଫକୀରମୋହନ ଫାଉଣ୍ଡେସନ ଭଳି ବିଶିଷ୍ଟ ସଙ୍ଗଠନର କାର୍ଯ୍ୟକାରୀ କମିଟି ସଭ୍ୟା ଭାବରେ ହେଉ କି ନୂଆଦିଲ୍ଲୀର ଓଡ଼ିଶା ଶାଖାର ସଭାପତି ଭାବରେ ଯେ କୌଣସି ଭୂମିକା ନିର୍ବାହ କରିବାରେ ହିରଣ୍ମୟୀ ମିଶ୍ରଙ୍କ କଠୋର ପରିଶ୍ରମ ଏବଂ ସମ୍ପୃକ୍ତି ପ୍ରତିଫଳିତ ହୋଇଥାଏ ତାଙ୍କ କାର୍ଯ୍ୟାବଳୀରେ।

ନଅଟି ଗଳ୍ପ ସଂକଳନ( ପ୍ରଥମା, ଗୋଟିଏ ବର୍ଷା ରାତିର କାହାଣୀ , ବାସ୍ନାୟିତ ରାତି, କିନ୍ନରୀର କାବ୍ୟ , ହିରଣ୍ମୟୀ ମିଶ୍ରଙ୍କ ପ୍ରେମଗଳ୍ପ, ରାତିର ସାଥୀ, ନୀଳ ରଙ୍ଗର ନିଶା, ରେଡ୍ ୱାଇନ୍‌ର ରାତି, କାଳିଜାଇ ଓ ଅନ୍ୟାନ୍ୟ ଗଳ୍ପ , ରାତିର ଗଳ୍ପ ), ତିନୋଟି ଉପନ୍ୟାସ (ଅନ୍ୟତମ ପ୍ରିୟତମା , ଗୋଟିଏ ସକାଳର ଅପେକ୍ଷାରେ , ମେଘପକ୍ଷୀର ଗୀତ) , ଗୋଟିଏ କବିତା ସଂକଳନ (ବିଭୋର ବେଳା) ଓ ଗୋଟିଏ ଭ୍ରମଣ କାହାଣୀ (କେତେଦୂରେ ମୋର ପ୍ରିୟ ଦେଶ)କୁ ନେଇ ତାଙ୍କର ସାହିତ୍ୟ ସାମ୍ରାଜ୍ୟ ବ୍ୟାପ୍ତ । ଏତଦ୍‌ଭିନ୍ନ କିନ୍ନର ଗଳ୍ପ ସଂକଳନର ସମ୍ପାଦନାରେ ଲାଭ କରିଛନ୍ତି ଢେର ପାଠକୀୟ ଆଦର। ତାଙ୍କର ନିରବଚ୍ଛିନ୍ନ ସାହିତ୍ୟ ସାଧନା ଲାଗି ସେ ଲାଭ କରିଛନ୍ତି ରାଜୀବ ଗାନ୍ଧୀ ସଦ୍ଭାବନା ପୁରସ୍କାର। ଭାରତୀୟ ଭାଷା ପରିଷଦ ଶ୍ରେଷ୍ଠ ଯୁବ ଗାଳ୍ପିକ ପୁରସ୍କାର, ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର, ରବି ପଟ୍ଟନାୟକ ସ୍ମୃତି ପୁରସ୍କାର, ଟାଇମ୍ପାସ ବୁକର ପୁରସ୍କାର, କାଦମ୍ବିନୀ ଶ୍ରେଷ୍ଠ ଗଳ୍ପ ପୁରସ୍କାର, ଫକୀରମୋହନ ଗଳ୍ପ ସମ୍ମାନ, ଲେଖିକା ସଂସଦ ଶ୍ରେଷ୍ଠ ଉପନ୍ୟାସ ପୁରସ୍କାର ୟ, କଥା ନବ ପ୍ରତିଭା ପୁରସ୍କାର, ଭୁବନେଶ୍ୱର ବେହେରା ରାଜ୍ୟସ୍ତରୀୟ ଗଳ୍ପ ପୁରସ୍କାର, କହ୍ନେଇ ଲାଲ ଶ୍ରେଷ୍ଠ ଗଳ୍ପ ପୁରସ୍କାର, ତୀର ତରଙ୍ଗ ଶ୍ରେଷ୍ଠ ଗଳ୍ପ ପୁରସ୍କାର ସମେତ ଆହୁରି ଅନେକ ସମ୍ମାନ ଓ ପୁରସ୍କାର। ତାଙ୍କ କଥା ସାହିତ୍ୟରେ ଥାଏ ଯାବତୀୟ ସଙ୍ଘର୍ଷ ଭିତରେ ଜୀବନକୁ ଆପଣେଇବାର କଳା। ଏକ ମୁକ୍ତ ତଥା ଉଦାତ୍ତ ଜୀବନବୋଧ ତାଙ୍କ ସାହିତ୍ୟର ଉତ୍‌ପ୍ରେରକ। ଜୀବନର ବହୁପ୍ରସ୍ଥି ଅସ୍ତିତ୍ୱ ପ୍ରତିଫଳିତ ହୁଏ ତାଙ୍କ ସାହିତ୍ୟରେ। ମନର ଅକୁହା ପ୍ରଶ୍ନରୁ ରୂପ ନେଇଥିବା ତାଙ୍କ କାହାଣୀର ଚରିତ୍ରଗୁଡିକ ବର୍ଣ୍ଣନାକ୍ରମରେ ପରଷି ଦିଅନ୍ତି ପାଠକଙ୍କ ପାଇଁ ନିବିଡ ଉତ୍ତର। ଜୀବନାନୁଭୂତିର ସୂକ୍ଷ୍ମତା ଓ ସୁକୁମାରତାକୁ ସାହିତ୍ୟରେ ଅଗ୍ରାଧିକାର ଦେଉଥିବା ହିରଣ୍ମୟୀ ମିଶ୍ର ତାଙ୍କର ଖ୍ୟାତି ଓ ସଫଳତା ପାଇଁ ସ୍ୱାମୀ ଅରୁଣ ଏବଂ କନ୍ୟା ନେହାଙ୍କ ଅକୁଣ୍ଠ ପ୍ରେମ ଓ ସହଯୋଗକୁ ଯେଉଁ ଭଳି ଶ୍ରେୟ ଦିଅନ୍ତି ସେତିକି ବି ଅଜାଡି ଦିଅନ୍ତି କୃତଜ୍ଞତା ତାଙ୍କୁ ଫୁଲ ଭଳି ବେଢ଼େଇଥିବା ସମ୍ପର୍କର ପରିସରକୁ।





**–ମାନମୟୀ ରଥ**
ସେଣ୍ଟ ଜାଭିୟର କିଡ୍ସ, ବାଲିପୁଟ, ପୁରୀ
ମୋ–୭୯୭୮୫୭୯୩୯୯







# ମନରଙ୍ଗ

**-କାମଦେବ ମହାରଣା**

**କା**ନର ଝୁମୁକା ଚୁପିଚୁପି କହେ
ମନ ତଳ ଚୋରା କଥା
କେବେ ଭୋଗିଥିଲା ଆଖି ଆକାଶର
ଦେହ ଜଳା ନୀରବତା
କେବେ ଓଠ ଡେଇଁ ଚାଲି ଆସିଥିଲା
ଶ୍ରାବଣ ରାତିର ଲୁହ
କେବେ ଗାଲ ଛୁଇଁ ଫେରି ଯାଇଥିଲା
ଅମୁହାଁ ଦେଉଳ ଦିଅଁ
ହେ ରୂପସୀ ତୁମ ଅଳସ ଆଖିରେ
ଅଦ୍ଭୁତ ସପନ ଛାଇ
ଫୁଲମାନେ ଦେଖ ତୁମ ମୁହଁ ସାରା
ନାଚିଲେଣି ରଙ୍ଗ ନାଇ ।

*-ଯାନ୍ତ୍ରିକ ବିଭାଗ, ପୂର୍ବତଟ ରେଳପଥ,*
*ପୁରୀ-୨ ମୋ-୯୬୫୮୦୨୬୬୧୨*

# ପ୍ରୀତି

**-ଭରତ ଚନ୍ଦ୍ର ଦାଶ**

ଏକ

**ପ୍ର**ଥମ ଦେଖାରେ ମନ କିଣିଥିଲ
ଅଧର ମଧୁକୁ ଦେଇ
ପ୍ରୀତି-ମଧୁ-ଭାଷ ଉପବନେ ରାସ
ରହିଛି ସପନ ହୋଇ ।

ଦୁଇ

ହୃଦ କୁଞ୍ଜ ବନେ ମଧୁ ପ୍ରୀତି ରାସ
ରଚନା ରଚିବା ପାଇଁ
ପ୍ରଣୟିନୀ ତୁମ ବିରହିଣୀ ରାଧା
ପରଶେ ଦେହର ଛାଇ ।

*ମାର୍କୋଣା, ବାଲେଶ୍ୱର*
*ମୋ- ୯୪୩୭୩୭୨୧୬୬*

# ଯତ୍ନ

**-ପରମେଶ୍ୱର ଓଝା**

**ଦୁ**ଇ ମହଲା କୋଠା, ଗୋଟେ କାର୍ ଦୁଇଟି ବାଇକ୍ ଚାରିଟା ଟ୍ରାକ୍ଟର କମେଇ ସାରିବା ପରେ ବଡ଼ ପୁଅ ଦିନେ ବାପାଙ୍କ ପାଖରେ ବସି ପଚାରିଲା,

'ବାପା ଆଉ କ'ଣ ଦରକାର କୁହ ?' ଏଇ ସଫଳତା ପାଇଁ ମୋତେ ଖୁବ୍ ପରିଶ୍ରମ କରିବାକୁ ପଡିଛି ।

ବାପା ହସି କହିଲେ -'ମୋର ଆଉ କିଛି ଦରକାର ନାହିଁରେ ପୁଅ । ମନୁଆ ମୋ ପାଇଁ ବହୁତ କରିଛି । ଆଉ କିଛି ଅଭାବ ଥିବା ପରି ମୋର କାଇଁ ବିଲକୁଲ ମନେ ହେଉନି ।'

ବଡ଼ ପୁଅ ବିରକ୍ତ ହେଲା । କହିଲା , ''କ'ଣ ପା କରିଛି ତମ ପାଇଁ ସେ ? ଖାଲି ତୁମ ଜମି ଖଣ୍ଡକ ହାତେଇବ ବୋଲି ତୁମ ପାଖେ ରହି ସେବା ଯତ୍ନ କରିବାର ଚାଲ୍ ଚଳଉଛି । ତୁମ ପରଳ ମାଡିଥିବା ଆଖିରେ ସେତକ ଦିଶୁନି ।''

ବାପା ଅଳ୍ପ ହସି କହିଲେ, ''ସେ ଯାହା ହେଉ, ଭଲରେ ମନ୍ଦରେ ମୋ କଥା ତ ଶୁଣୁଛି ମୋ ବୋଲହାକ କରୁଛି । ଦେହ ମୁଣ୍ଡ ଘଷି ଦେଉଛି .... ।''

କଥା ସରିନି ବଡ଼ ପୁଅ ହଠାତ୍ କହିଲା , ''କ'ଣ ଆଉ ଜାଣିଛି କି ଯା ଛଡା ସେ ?''

ବାପା କହିଲେ, ''ମୋର ଆଉ କ'ଣ ଦରକାର କହ ଏଇ ବୟସରେ ? ତୋ ରୋଗୀଣା ବୋଉକୁ ଶଗଡ଼ରେ ବୋହି ଡାକ୍ତରଖାନା ନେଇଗଲା ରାତି ଅଧରେ । ଦିନ ରାତି ଏକ କରି ବୋଉକୁ ମରଣ ମୁହଁରୁ ଟାଣିବା ଲାଗି କ'ଣ ସେ ନ କରିଛି କହ ! ତୁ ପୁଅ କାର ଖଣ୍ଡକ କିଣିବୁ ବୋଲି ପରିଶ୍ରମ କରୁଥିଲୁ ପ୍ରବାସରେ ।''

ବଡ଼ଭାଇ ଦେଖୁଥିଲା ସାନ ଭାଇ ମନୁଆକୁ । ଏତେ ଦିନକେ ଭାଇ ଆସିଛି ବୋଲି ସାରାଟା ସକାଳ ଲାଗି ଗାଁ ଗାଡ଼ିଆରୁ ଜାଲ ପକେଇ ଯତ୍ନରେ ଧରିଛି ଦୁଇଟା ବଡ଼ ରୋହି ମାଛ , ଦୁଇ ଆଞ୍ଜୁଳା ଚୂନା ମାଛ । ଦାନ୍ତ ଦି ଭାଡିକ ଦେଖେଇ କହିଲା , ତୋତେ କଉ ମାଛରେ ଶରଧା ଜାଣି କେତେ ଲାଗିଲିରେ ଧରା ଛୁଆଁ ଦେଲେନି ବଦମାସଗୁଡାକ ।

*ମହାକାଳପଡ଼ା, କେନ୍ଦ୍ରାପଡ଼ା, ମୋ- ୬୩୫୫୧ ୩୩୩୦୧*

# ବିରହୀ ସଞ୍ଜ

**ପୁଷ୍ପାରାଣୀ ପଟେଲ**

**ଯେ**ତେ ଯେତେ ଥର ଶୁଣିଛି
,'ଦେହୀ ପଦ ପଲ୍ଲବ ମୁଦାରଂ'
ସେତେ ସେତେ ଥର ଆଖିରେ
ଭାସିଛି ତୋ' ଛବି
ଗୋଟିଏ ବିରହୀ ସଞ୍ଜ ଓ ତୋ'ର
ଲୁହଭିଜା ଦୁଇଗୋଟି ଆଖି ।
କାହାକୁ ବତାଇବି,ବୁଝିବ ବା କିଏ ?
ସାରା ଜୀବନର ପ୍ରେମକୁ ବି
ଭେଟିହୁଏ
ଦିଶେ ଯେବେ ଟଳମଳ ଲୁହ,କା'
ଆଖିରେ
ସେଇ ଜହ୍ନଧୌତ ବିଦାୟୀ
ବେଳାରେ ।

*-ସହକାରୀ ଶିକ୍ଷୟିତ୍ରୀ*
*ସରକାରୀ ଉଚ୍ଚ ବିଦ୍ୟାଳୟ,*
*ସେକ୍ଟର-୧୬, ରାଉରକେଲା*
*ମୋ-୯୪୩୮୨୫୮୦୬୩*

# ଫୁଲ

**ପଦ୍ମଜା ଶରଣ**

**ଫୁ**ଟିବାର ଅଛି ଫୁଟିଛି
ବୁଝି ନାହିଁ ଅରଣ୍ୟ କି ଉପବନ
ଅବା କେଉଁ ଅପନ୍ତରା,ରାଜରାସ୍ତା
କଡ଼
ମହକିବାର ଅଛି ମହକୁଛି
ମେଲିଛି ମୋ କଅଁଳ ପାଖୁଡ଼ା
କେବେ ଥରେ ଆଖି ଟେକି ଦେଖି
ନାହିଁ
କେହି ଜଣେ ଯାଉଛି କି ପାଖଦେଇ
ଅବା ଅଛି ଶୂନ୍ ଶାନ୍
ନିହାତି ନିରୋଳା
ଫୁଟିବାର ଅଛି ବୋଲି
ମୁଁ ଫୁଟିଛି ।

*-ନୀଳକଣ୍ଠପୁର, ଧର୍ମଶାଳା*
*ଯାଜପୁର*
*ମୋ- ୭୯୭୮୯୬୩୬୬୪*





ଦେବାନନ୍ଦ

# ସମ୍ପର୍କ ଭାଇ ଭାଇର

ଭାଇ ଭାଇର ସମ୍ପର୍କ କେତେ ମଧୁର ତାହା କହିବା ବାହୁଲ୍ୟ । କେବଳ ପୌରାଣିକ ସମୟରେ ନୁହେଁ, ଏବେ ମଧ ଏହାର ଅନେକ ଉଦାହରଣ ରହିଛି । ତେବେ କେତେକ କାରଣରୁ ଏହା ବେଳେବେଳେ ବିଷମୟ ହୋଇଯାଏ । ସେହିପରି ଏକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଗୁରୁଦେବ' । ଏହାର କାହାଣୀରେ କେବଳ ଆକ୍ସନ ନୁହେଁ, ଇମୋଶନ, ଫ୍ୟାମିଲି ଡ୍ରାମା ମଧ ରହିଛି । ତା'ସହ ଏହି ଫିଲ୍ମରୁ ଦର୍ଶକ ସ୍ପେଶାଲ ଚାର୍ମ ପାଇବେ ବୋଲି ଆଶା ରଖିଛନ୍ତି ନବାଗତ ପ୍ରଯୋଜକ ସତ୍ୟଜିତ ତ୍ରିପାଠୀ । ଏସ୍.ଡି. ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ କାନ୍ତ । ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ । ଏହି ଫିଲ୍ମର ନାୟକ ସାଜିଛନ୍ତି ଥିଏଟର ଅଭିନେତା ଦେବାନନ୍ଦ । ' ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ପିୟାଲି । ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ବିଭୂତି ଭୂଷଣ ଗଡ଼ନାୟକ ।



ଅଙ୍କିତା

# ଅପେକ୍ଷା ଶୁଭ ଦିନକୁ

ଅଙ୍କିତା ଲୋଖାଣ୍ଡେ ଶୁଭ ଦିନକୁ ଅପେକ୍ଷା କରିଛନ୍ତି । ଯାହାହେଉ ଶେଷରେ ଏ ନେଇ ସେ ମାଇଣ୍ଡ ମେକଅପ କଲେ । କଥା କ'ଣ କି ଏଥର ସତସତିକା ବୋହୂ ସାଜିବାକୁ ଯାଉଛନ୍ତି ସେ । ଏକଥା ତ ସମସ୍ତେ ଜାଣନ୍ତି ଯେ ପରଲୋକଗତ ସୁଶାନ୍ତ ସିଂ ରାଜପୁତଙ୍କ ସହ ସେ ଲିଭ ଇନ୍‌ରେ ରହୁଥିଲେ । କିନ୍ତୁ ତାଙ୍କ ସହ ବ୍ରେକ୍ ଅପ୍ ପରେ ସେ ଆଉ ଜଣଙ୍କୁ ମନ ଦେଇବସିଥିଲେ । ସେ ହେଲେ ଭିକି ଜୈନ । ଦୀର୍ଘ ତିନି ବର୍ଷ ଧରି ଦୁହିଁଙ୍କ ଭିତରେ ରୋମାନ୍ସ ଚାଲିଥିଲା । ଆଉ ଶେଷରେ ତାଙ୍କ ସହ ଘର ସଂସାର କରିବାକୁ ଯାଉଛନ୍ତି ଅଙ୍କିତା । ଏ ନେଇ ସେ କହନ୍ତି, 'ଏକଥା ସତ ଯେ ମୁଁ ଭିକିଙ୍କୁ ଜୀବନ ସାଥୀ ଭାବରେ ଗ୍ରହଣ କରିବାକୁ ଯାଉଛି । ହେଲେ ଏ ନେଇ ଡେଟ୍ ଫାଇନାଲ ହୋଇନାହିଁ । ମୁଁ ମଧ ବେଶ୍ ଉତ୍ସୁକତାର ସହ ସେହି ଶୁଭ ଦିନକୁ ଅପେକ୍ଷା କରିଛି । ଆମର ମ୍ୟାରେଜ୍ ରାଜସ୍ଥାନୀ ପରମ୍ପରା ଅନୁସାରେ ହିଁ ହେବ । ତେବେ ସେହି ଶୁଭ ଦିନ ଫାଇନାଲ ହେବା ପରେ ମୁଁ ନିଜ ପଟରୁ ଏ ନେଇ ସମସ୍ତଙ୍କୁ ଜଣାଇ ଦେବି ।' ମେଗା ଧାରାବାହିକ 'ପବିତ୍ର ରିସ୍ତା' ତାଙ୍କୁ ଘରେ ଘରେ ପରିଚିତ କରାଇବାରେ ସକ୍ଷମ ହୋଇଥିଲା । ଏହାବ୍ୟତୀତ 'ମଣିକର୍ଣ୍ଣିକା : ଦ କୁଇନ୍ ଅଫ ଝାନସୀ' ଏବଂ 'ବାଗୀ-୩'ରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା ।

# ଖୋଜିଲା ଚିଜ ମିଳିଗଲା

ରକୁଲ୍ ପ୍ରୀତ୍ ସିଂଙ୍କ ଏତେ ଦିନ ଧରି ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି । କଥା କ'ଣ କି ଉଭୟ ଆକ୍ସନ ଏବଂ କମେଡି ରୋଲ୍‌କୁ କିପରି ତୁଲାଇବେ ସେ ନେଇ ମନ ପସନ୍ଦର ଗୁରୁ ଖୋଜୁଥିଲେ । ପୁଣି ଏମିତି ହେଲା ଯେ ଦେଖା ହେଉ ହେଉ ପୁଣି କେଇପଦ କଥାରେ ତାଙ୍କର ଏହି ସମସ୍ୟାର ସମାଧାନ ହୋଇଯାଇଥିଲା । କିଛି ସପ୍ତାହ ପୂର୍ବେ ତାଙ୍କର ଖିଲାଡି ମାଷ୍ଟର ଅକ୍ଷୟ କୁମାରଙ୍କ ସହ ସାକ୍ଷାତ୍ ହୋଇଥିଲା । ମାତ୍ର ଅଳ୍ପ ସମୟର ଏହି ଦେଖା ଭିତରେ ନିଜ ମନ କଥା କହିବାକୁ ପଛାଇ ନ ଥିଲେ ରକୁଲ୍ । ଆଉ ତା'ପରେ ଅକ୍ଷୟ ମଧ ବିଳମ୍ବ ନ କରି ଏ କ୍ଷେତ୍ରରେ ତାଙ୍କୁ ସହଯୋଗର ହାତ ବଢ଼ାଇଥିଲେ । ଏ ସମ୍ପର୍କରେ ରକୁଲ୍ କହନ୍ତି, 'ଅକ୍ଷୟଜୀ ଯେତେବେଳେ ମୋର ଇଚ୍ଛା ବିଷୟରେ ଶୁଣିଲେ ସେ ମୋତେ ସାହାଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଏ ନେଇ ମୋତେ କ'ଣ କରିବାକୁ ପଡିବ ସେ ବିଷୟରେ ଟିପ୍ସ ମଧ ଦେଇଛନ୍ତି । ଏବେ ଆଉ କୋଭିଡ୍ ପାଇଁ ସାକ୍ଷାତ ସମ୍ଭବ ନୁହେଁ । ତେଣୁ ଟେଲିଫୋନିକ୍ ଟଚ୍‌ରେ ରହିବାକୁ ପଡିବ । ଆକ୍ସନ ଭୂମିକା ପାଇଁ ମୁଁ ଏବେ ନିଜ ଫିଟ୍‌ନେସ ପ୍ରତି ଗୁରୁତ୍ୱ ଦେଉଛି । ତା'ସହ ଡାଏଟିଂ ମଧ ଚାଲିଛି ।' ତେବେ ରକୁଲଙ୍କୁ ଏପରି ଭୂମିକା କେବେ ମିଳୁଛି ତାହା ଦେଖିବାକୁ ବାକି ରହିଲା ।



ରକୁଲ

# ଏକାଥରେ ହ୍ୟାଟ୍ରିକ

ଅଭିନେତା ଦୀପକ ଏକାଥରେ ହ୍ୟାଟ୍ରିକ ମାରିବାକୁ ଯାଉଛନ୍ତି । କାରଣ ପଛକୁ ପଛ ତାଙ୍କ ଅଭିନୀତ ତିନୋଟି ସିନେମା ପରଦା ଉପରକୁ ଆସିବାକୁ ପ୍ରସ୍ତୁତ ହୋଇ ରହିଛି । ଯେହେତୁ କୋଭିଡ୍ ପାଇଁ ଏବେ ପ୍ରେକ୍ଷାଳୟ ବନ୍ଦ ଅଛି, ତେଣୁ ଏହା ଖୋଲିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ । ପୁଣି ଏପରି ସଂଯୋଗ ତିନୋଟି ସିନେମାର ନିର୍ଦ୍ଦେଶକ ହେଉଛନ୍ତି ଜଣେ-ସୁଧାକର ବସନ୍ତ । ତନ୍ମଧ୍ୟରୁ 'ଏଇ ବୋଧେ ଭଲ ପାଇବା' ଚଳଚ୍ଚିତ୍ରରେ ଦୀପକଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ । ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅନୁଭା ସୌର୍ଯ୍ୟା । ଏହାବ୍ୟତୀତ 'ଧଡକନ୍‌ରେ ତୁ' ଚିତ୍ରରେ ତାଙ୍କର ନାୟିକା ସାଜିଛନ୍ତି ସସ୍ମିତା । ହୋମ୍ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ପ୍ରଯୋଜକ ସାଜିଛନ୍ତି ଦୀପକ । ଚଳଚ୍ଚିତ୍ରଟିର ଟାଇଟଲ ରହିଛି 'ପଲ୍ ପଲ୍ ତତେ ଚାହେଁ' । ଏଥିରେ ଫିମେଲ୍ ଲିଡ୍‌ରେ ଅଛନ୍ତି ନବାଗତା ପ୍ରାଚୀ ଚୌଧୁରୀ । ଏ ସମ୍ପର୍କରେ ଦୀପକ କହନ୍ତି, 'ମାଷ୍ଟରଜୀ (ସୁଧାକର ବସନ୍ତ)ଙ୍କ ନିର୍ଦ୍ଦେଶନାରେ କାମ କରିବାକୁ ମୋର ପୂର୍ବରୁ ଇଚ୍ଛା ଥିଲା । ପୁଣି ଏମିତି ସୁଯୋଗ ମିଳିଲା ଯେ ଏକାଥରେ ମୁଁ ଅଭିନୟ କରିଥିବା ତିନୋଟି ସିନେମା 'ଏଇ ବୋଧେ ଭଲ ପାଇବା', 'ଧଡକନ୍‌ରେ ତୁ' ଏବଂ 'ପଲ୍ ପଲ୍ ତତେ ଚାହେଁ'ର ନିର୍ଦ୍ଦେଶନା ସେ ଦେଇଛନ୍ତି । ସତ କଥା କହିବାକୁ ଗଲେ ତାଙ୍କ ସହ କାମ କରିବାର ଚାର୍ମ ଅଲଗା । ଏହି ତିନୋଟି ସିନେମାକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି ।' ଆଉ ଏକ ଖାସ୍ କଥା ରହିଛି । ଉଭୟ ଦୀପକ ଏବଂ ସୁଧାକର ନିଜର ଅଭିନୟ ଏବଂ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି ପ୍ରଯୋଜକ ଅନାମ ଚରଣ ସାହୁଙ୍କ ସିନେମାରୁ । ଦୀପକଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ମନ ମୋର ପ୍ରଜାପତି' ଏବଂ ସୁଧାକରଙ୍କ ନିର୍ଦ୍ଦେଶିତ ପ୍ରଥମ ଚଳଚ୍ଚିତ୍ର ଥିଲା 'ମିତରେ ମିତ' ।



ଦୀପକ

# ଡରୁଛନ୍ତି ମାହିରା

ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାଁ । ପୂର୍ବରୁ ଏ ନେଇ ଯେତେ ତାଙ୍କୁ ପଚରା ଯାଇଥିଲେ ମଧ ସେ ତାହାକୁ ସ୍ୱୀକାର କରୁ ନ ଥିଲେ । ହେଲେ ଶେଷରେ ତାହା ସତ ବୋଲି ମାନିଛନ୍ତି । କଥା କ'ଣ କି ନିକଟରେ ତାଙ୍କୁ ଏକ ଭାରତୀୟ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଅଫର ମିଳିଥିଲା । ସେଥିରେ ଆକ୍ଟିଂ କରିବାକୁ ମନ ମଧ ବଳାଇଥିଲେ । ହେଲେ କ'ଣ ହେବ ? ଯେହେତୁ ପାକିସ୍ତାନୀ କଳାକାର ବଲିଉଡ୍‌ରେ ଅଭିନୟ କରିପାରିବେ ନାହିଁ ବୋଲି ନିଷେଧାଦେଶ ରହିଛି, ତେଣୁ ସେ ମନା କରିଦେଇଥିଲେ । ଏହାବ୍ୟତୀତ ଏପରି ଅସୁବିଧା ପାଇଁ ସେ ମଧ କେତୋଟି ସିନେମା ଅଫରକୁ ହାତଛଡା କରିଛନ୍ତି । ଏ ନେଇ ମାହିରା କହନ୍ତି, 'ବଲିଉଡ୍‌ରେ ମୁଁ ଏଣ୍ଟ୍ରି କରିଥିଲି ୨୦୧୭ରେ ଆଉ ସିନେମାଟି ଥିଲା 'ରଇସ୍' । କିନ୍ତୁ କେତେକ କାରଣରୁ ବଲିଉଡ୍‌କୁ ନେଇ ମୁଁ ଯେଉଁ ସ୍ୱପ୍ନ ଦେଖିଥିଲି ତାହା ପୂରଣ ହୋଇପାରିଲା ନାହିଁ । ମୋତେ ନିକଟରେ କେତୋଟି ୱେବ ସିରିଜରେ ଅଭିନୟ କରିବାକୁ ଅଫର ମିଳିଥିଲା । କିନ୍ତୁ ଶଙ୍କା ଆଶଙ୍କା ଭିତରେ ଅଫରଗୁଡିକୁ ହାତଛଡା କରିଛି ।'



ମାହିରା

# ସମାଜସେବାରେ ମନ

ହୁମା କ୍ୟୁରେସି ଏବେ ଏକ ନୂଆ କଥାରେ ମନୋନିବେଶ କରିଛନ୍ତି । ତାହା କ'ଣ ଜାଣନ୍ତି ? ସମାଜସେବା । ଅର୍ଥାତ୍, ଅଭିନୟ ସହ ସେ ନିଜକୁ ସମାଜସେବାରେ ନିୟୋଜିତ ରଖିବେ । ବିଶେଷଭାବରେ କୋଭିଡ୍ ସମୟରେ ତାଙ୍କ ମନରେ ଏଭଳି ଭାବନା ଉଦ୍ରେକ ହୋଇଥିଲା । କରୋନାରେ ଆକ୍ରାନ୍ତ ପରିବାରକୁ ସହାୟତା କରିବାକୁ ସେ ଆଗେଇ ଆସିଛନ୍ତି । ପୁଣି ଏକୁଟିଆ ନୁହେଁ, ତାଙ୍କର କେତେ ଜଣ ସାଙ୍ଗ ହୁମାଙ୍କ ସହ ହାତ ମିଳାଇଛନ୍ତି । ଏ ନେଇ ସେ କହନ୍ତି, 'ଥରେ ମୋର ଜଣେ ସାଙ୍ଗ କୋଭିଡ ପରିବାରକୁ ସାହାଯ୍ୟ କରିବାର ଜାଣିବାକୁ ପାଇଲି । ତା'ପରେ ଏ ନେଇ ମୁଁ ଅଣ୍ଟା ଭିଡିବାକୁ ସ୍ଥିର କରିଛି । କଥାରେ ଅଛି, 'ସର୍ଭିସ ଟୁ ମ୍ୟାନ କାଇଣ୍ଡ ଇଜ୍ ସର୍ଭିସ ଟୁ ଗଡ୍' । ତେଣୁ ଏଣିକି ଅଭିନୟ ସହ ସମାଜସେବାରେ ମନ ଦେବି । ଏବେ କୋଭିଡ ଆକ୍ରାନ୍ତ ପରିବାରଗୁଡିକୁ କିପରି ସହାୟତା କରାଯାଇପାରିବ ସେ ନେଇ ଯୋଜନା ପ୍ରସ୍ତୁତ ହୋଇଛି । କେବଳ ସେତିକି ନୁହେଁ, ନୂଆଦିଲ୍ଲୀରେ ଏକ କୋଭିଡ୍ ହସପିଟାଲ ସ୍ଥାପନା ପାଇଁ ସାହାଯ୍ୟ କରିବାକୁ ମଧ ସ୍ଥିର କରିଛି ।' ଏହାବ୍ୟତୀତ 'ସେଭ୍ ଦ ଚିଲ୍‌ଡ୍ରେନ୍' ନାମକ ଏକ ଅନ୍ତର୍ଜାତୀୟ ସଂସ୍ଥା ସହ ହୁମା ମଧ ହାତ ମିଳାଇଛନ୍ତି ।



ହୁମା

# ପାହାନ୍ତି ସପନ ଅଧୁରା କଥା, ଭାବନାରେ ମୋର ଘୂରାଏ ମଥା

**ପ୍ରଶ୍ନ–**ମୋ ମନର ମାନସୀ ସବୁବେଳେ ସ୍ୱପ୍ନରେ ଆସୁଛି। ହେଲେ ଯେତେବେଳେ ରାତି ପାହିଯାଉଛି ମୋ ସପନ ଅଧା ରହିଯାଉଛି। କ'ଣ କରିବି ?

*–ସମ୍ବିତ ସାହୁ, ଯାଜପୁର*

**ଉତ୍ତର:** ଏଠି ଯେତେ ଭାବିବେ ଆପଣଙ୍କ ମନରେ ସେ ସପନର ଛାଇ ସେତେ ବଢ଼ି ବଢ଼ି ଆଗକୁ ଚାଲିବ। କାରଣ ସପନ ହେଉଛି ଏକ ସୁପ୍ତ ମନର ମାନସିକତା। ଏଥିରେ କେତେବେଳେ ଖୁସିର ଝଲକ ରହିଥାଏ ତ କେତେବେଳେ ଦୁଃଖର ବାଦଲରେ ଏହା ଢାଙ୍କି ହୋଇଯାଏ। ଆପଣ ଯେତେବେଳେ ପ୍ରେମିକାକୁ ସ୍ୱପ୍ନରେ ଦେଖୁଛନ୍ତି ଆପଣଙ୍କ ମନ ସବୁବେଳେ ରଙ୍ଗିନ ଦୁନିଆରେ ଉଡୁଥିବ। ହେଲେ ରାତି ପାହିଲା ବେଳକୁ ଆପଣଙ୍କ ସପନ ଅଧା ରହିଯାଉଛି। 'ପାହାନ୍ତି ସପନ ଅଧୁରା କଥା, ଭାବନାରେ ମୋର ଘୂରାଏ ମଥା।' ତେଣୁ ଯଦି ପ୍ରେମିକାକୁ ପାଇବାକୁ ଚାହୁଁଛନ୍ତି ତେବେ ସପନ ରାଇଜରୁ ବାହାରକୁ ଆସନ୍ତୁ। ଅସଲ ଦୁନିଆରେ ମନର ମାନସୀକୁ ଖୋଜନ୍ତୁ। ନ ହେଲେ ଏମିତି ରାତି ପାହି ଯାଉଥିବ ଆଉ ଆପଣଙ୍କ ସପନ ସେମିତି ଅଧା ରହିଯାଉଥିବ ପୁଣି ସେକଥା ଭାବି ଭାବି ଆପଣ ଅବସାଦର ଦୁନିଆରେ ବାଟ ଖୋଜି ବୁଲୁଥିବେ।

**ପ୍ରଶ୍ନ–**ଥରେ ମୋତେ ଜଣେ ଝିଅ 'ଆଇ ଲଭ୍ ୟୁ' କହିଲା। ସେ ପ୍ରକୃତରେ ମୋତେ ଭଲ ପାଉଛି ତ ?

*–ଦୀପକ ରାଉତ, ପୁରୀ*

**ଉତ୍ତର:** ଆପଣଙ୍କ ମନରେ ବାରମ୍ବାର ଉଙ୍କି ମାରୁଥିବା ଏହି ପ୍ରଶ୍ନର ଠିକ୍ ଉତ୍ତର ସେହି ଝିଅ ହିଁ ଦେଇପାରିବ। ଯେତେବେଳେ ସେ ଆପଣଙ୍କୁ ଏ କଥା କହିଲା, ତାହାର ମାନସିକତାକୁ ଭଲ ଭାବରେ ଷ୍ଟଡି କରିଛନ୍ତି ତ ? ଯଦି ସେଥିରୁ ପ୍ରେମର ବାସ୍ନା ବାହାରୁଛି ତେବେ ବିଳମ୍ବ କରି ଅଯଥା ସମୟ ଅପଚୟ କରନ୍ତୁ ନାହିଁ। ଠିକ୍ ବେଳରେ ଏପରି ବଲ୍ ପକାନ୍ତୁ ଯେମିତି ସେ ସୁନ୍ଦରୀ ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ। ଆଉ ତା'ପରେ ଆପଣଙ୍କର କେବଳ ସୋନେ ପେ ସୁହାଗା।

**ପ୍ରଶ୍ନ–**କିଏ ସେ ସୁନ୍ଦରୀ ଯିଏ ମୋ ମନକୁ ଚୋରିକରି ନେଇଛି। ହେଲେ ତାହାର ଠିକଣା ମୁଁ କେମିତି ଜାଣିବି କହିବେ କି ସାଥୀ ?

*–ପ୍ରୀତମ କୁମାର, ରାଉରକେଲା*

**ଉତ୍ତର:** ଆପଣଙ୍କର ମନ ଚୋରି ହୋଇଗଲା, ଅଥଚ ଆପଣ ଜାଣିପାରିଲେ ନାହିଁ। ବୋଧହୁଏ ସପନ ରାଇଜରେ କିଏ ଆପଣଙ୍କ ମନକୁ ନେଇଯାଇଛି। ଗୋଟିଏ କଥା– ସବୁବେଳେ ବାସ୍ତବ ଦୁନିଆରେ ରହି ପ୍ରେମ କରନ୍ତୁ। ଏମିତି ସପନରେ ମସ୍‌ଗୁଲ ହୋଇ ପ୍ରେମିକା କଥା ଭାବିଲେ ସେହି ଭାବନା କେବଳ ଭାବନାରେ ହିଁ ରହିଯିବ।

**ପ୍ରଶ୍ନ–**ମୋ ପ୍ରେମିକା ଆଉ କାହାକୁ ବାହା ହୋଇଗଲା। ଏବେ ସେ ପୁଣି ଥରେ ମୋ ପାଖକୁ ଫେରି ଆସିବାକୁ ଚାହୁଁଛି ? ମୁଁ କ'ଣ କରିବି ଜାଣିପାରୁନାହିଁ।

*–ଅଶୋକ, ରେଢ଼ାଖୋଲ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ଏବେ ଆପଣ ଏକ ଗୋଲକ ଧନ୍ଦାରେ ଫସି ଯାଇଛନ୍ତି। ଯାହାକୁ ଭଲ ପାଉଥିଲେ ସେ ଆଉ କାହାକୁ ବାହା ହୋଇଗଲା। ଏବେ ସେ ନିଜ ଘର ସଂସାରକୁ ପାଦରେ ଏଡାଇ ଦେଇ ପୁଣି ତା' ପୂର୍ବତନ ପ୍ରେମିକ ନିକଟକୁ ଫେରିବାକୁ ଚାହୁଁଛି। ଯଦି ସେ ଫେରିଆସେ ଆଉ ଆପଣ ତାକୁ ଗ୍ରହଣ କରିନିଅନ୍ତି, ତାହାର ପରବର୍ତ୍ତୀ ପରିସ୍ଥିତିକୁ ଆପଣଙ୍କୁ ହିଁ ସାମ୍ନା କରିବାକୁ ପଡିବ। ତେଣୁ ଯେଉଁ ପ୍ରେମ ଆଉ ପ୍ରେମିକା ଆପଣଙ୍କ ପାଇଁ ଅତୀତ ହୋଇଯାଇଛନ୍ତି ତାକୁ ମନେ ପକାଇ ପୁଣି ଅଜାଗା ଘା'କୁ ସତେଜ କରିବା କେତେଦୂର୍ ଠିକ୍ ତାହା ନିଜେ ଥରେ ଚିନ୍ତା କରନ୍ତୁ।



ସାଥୀ

## ପ୍ରଥମ ରୋଜଗାର



କେନ୍ଦ୍ର ସରକାରଙ୍କ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ **ଡ. ତାପସ କୁମାର ସାମନ୍ତରାୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦରମା ଟଙ୍କାରେ ବହି କିଣୁଥିଲୁ

ଆମ ଘର ପୁରୁଣା ଭୁବନେଶ୍ୱରରେ। ୟୁନିଟ୍–୮ ସରକାରୀ ବାଳକ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରି ବିଜେବି କଲେଜରେ ପଢିଥିଲି। ସେଠାରୁ ଓଡ଼ିଆ ଅନର୍ସରେ ଗ୍ରାଜୁଏଶନ୍ ସାରି ବ୍ରହ୍ମପୁର ୟୁନିଭର୍ସିଟିରେ ପି.ଜି. କଲି। ତା'ପରେ 'ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଗଦ୍ୟ ସାହିତ୍ୟକୁ ଅବଦାନ' ବିଷୟକୁ ନେଇ ପିଏଚ୍.ଡି. ପାଇଁ ପ୍ରସ୍ତୁତ ହେଲି। ତା'ରି ଭିତରେ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରରେ ଇଣ୍ଟରଭ୍ୟୁ ଦେଇ ସ୍କଲାର୍ ଭାବେ ମୋର ଚାକିରି ଜୀବନ ଆରମ୍ଭ କରିଥିଲି। ଏହା ଥିଲା ୧୯୯୫ ମସିହାର କଥା। ଏଥିରେ ମୁଖ୍ୟତଃ ଆମକୁ ବିଭିନ୍ନ ଜିଲାକୁ ଯାଇ ସ୍ଥାନୀୟ ଲୋକଙ୍କର ଭଲମନ୍ଦ କଥା ବୁଝିବାକୁ ପଡୁଥିଲା। ସେମାନଙ୍କୁ ବିଭିନ୍ନ ନିତ୍ୟ ଆବଶ୍ୟକୀୟ ସୂଚନା ସମ୍ପର୍କରେ ଅବଗତ କରାଇବା ସହ ତାହାକୁ କିପରି କାର୍ଯ୍ୟରେ ଲଗାଇବେ ସେ ସମ୍ପର୍କରେ ମଧ୍ୟ ବୁଝାଇବାକୁ ପଡୁଥିଲା। ଏଥିପାଇଁ ଆମକୁ ଦୈନିକ ତିନିଶହ ଟଙ୍କା ହିସାବରେ ମାସକ ଭିତରେ ଯେତିକି ଦିନ ଯିବାକୁ ପଡୁଥିଲା ସେହି ଅନୁଯାୟୀ ମାସ ଶେଷକୁ ଏକକାଳୀନ ଦରମା ମିଳୁଥିଲା। ସେତେବେଳେ ସାଙ୍ଗମାନେ ମିଶି ବିଭିନ୍ନ ପ୍ରକାର ଧନ୍ଦାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାଉ ଆଉ ପରୀକ୍ଷା ବି ଦେଉଥାଉ। ତେଣୁ ପ୍ରତିମାସ ମୋତେ ଯେଉଁ ଦରମା ଟଙ୍କା ମିଳୁଥିଲା, ସେଥିରେ ବିଭିନ୍ନ ପ୍ରକାର ଜିକେ ବହି, ମାଗାଜିନ୍ ତଥା କରେଣ୍ଟ ଆଫାୟର୍ସ ଆଦି କିଣି ପଢୁଥିଲି। କିଛିଦିନ ଏମିତି ଗଲା ପରେ ନୟାପଲ୍ଲୀସ୍ଥିତ ଶ୍ରୀମଦ୍ ଭଗବତ୍ ଗୀତା ବିଦ୍ୟାମନ୍ଦିରରେ ସାହିତ୍ୟ ଓ ସାମାଜିକ ବିଜ୍ଞାନର ଶିକ୍ଷକ ଭାବେ ମୋତେ ନୂଆ ଏକ ଚାକିରି ମିଳିବାରୁ ପୂର୍ବ ଚାକିରିଟି ଛାଡିଦେଲି। ୧୯୯୯ ମସିହା ଯାଏଁ ଶିକ୍ଷକତା କଲି। ଏହି ସମୟରେ ମୋତେ ଡକ୍ଟରେଟ୍ ଡିଗ୍ରୀ ମିଳିଲା। ଆଉ ମୁଁ କୋଣାର୍କ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ ଜଏନ୍ କଲି। ତା'ସହିତ ସରକାରୀ ଚାକିରି ପାଇଁ ଇଣ୍ଟରଭ୍ୟୁ ବି ଦେଉଥିଲି। ୨୦୦୪ ମାର୍ଚ୍ଚ ମାସରେ କେନ୍ଦ୍ର ସରକାରଙ୍କ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ରର ପ୍ରୋଗ୍ରାମ୍ କୋଅର୍ଡିନେଟର୍ ଭାବେ ମୋତେ ନିଯୁକ୍ତି ମିଳିଲା। ପୋଷ୍ଟିଂ କଲିକତାରେ ହେଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଗୁରୁଶିଷ୍ୟ ପରମ୍ପରା ଯୋଜନାକୁ ଫଳପ୍ରଦ କରିବା ପାଇଁ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ର ମୋ ଉପରେ ଯେଉଁ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛି ତାହାକୁ ମୁଁ ସଫଳତାର ସହ ପ୍ରତିପାଦନ କରିବାକୁ ସର୍ବଦା ଚେଷ୍ଟା କରିଆସିଛି ; ଯାହାର ଫଳସ୍ୱରୂପ ୟା'ଭିତରେ ପୂର୍ବ ଭାରତର ପ୍ରାୟ ୧୩୪ଟି ଲୁପ୍ତପ୍ରାୟ କଳା, ସଂସ୍କୃତି ପରମ୍ପରାକୁ ଲୋକଲୋଚନକୁ ଆଣିବା ନିମିତ୍ତ ମୋର ସହକର୍ମୀଙ୍କ ସହ କରାଯାଇଥିବା ଗବେଷଣାମୂଳକ କାର୍ଯ୍ୟ ସଫଳତାର ରୂପ ନେଇଛି। ତନ୍ମଧ୍ୟରୁ କେବଳ ଓଡ଼ିଶାର ୨୮ ପ୍ରକାର ଲୋକକଳାର ପୁନରୁତ୍ଥାନ କରାଯାଇଛି ; ଯାହା ମୋ ପାଇଁ ଏକ ଗର୍ବର ବିଷୟ। କାରଣ ସମାଜରେ ନିଜର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବା ମୋର ଲକ୍ଷ୍ୟ ନୁହେଁ। ବରଂ କଳାକାରଙ୍କ ମୁହଁରେ ହସ ଫୁଟାଇ ପାରିଲେ ତାହାଠାରୁ ବ୍ୟକ୍ତିଗତ ସଫଳତା ଆଉ କିଛି ନାହିଁ ବୋଲି ମୁଁ ମନେ କରେ। ଏବେ ମୁଁ ସେହି ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ତା'ସହିତ ପୂର୍ବ ଭାରତରେ ଥିଏଟର୍ ରିଜୁଭେନେଶନ ସ୍କିମ୍ ମାଧ୍ୟମରେ ନାଟକଗୁଡ଼ିକର ପ୍ରଚାରପ୍ରସାର ଦାୟିତ୍ୱ ମଧ୍ୟ ନିର୍ବାହ କରୁଅଛି। ଏହାବାଦ୍ ବିହାର, ଝାଡ଼ଖଣ୍ଡ, ଆଣ୍ଡାମାନ ନିକୋବର ଓ ସିକ୍କିମ୍‌ର ପୁରାତନ କଳାସଂସ୍କୃତିର ପୁନରୁତ୍ଥାନ ପାଇଁ ମଧ୍ୟ ମୋର କାର୍ଯ୍ୟ ଅବ୍ୟାହତ ରହିଛି। ତେବେ କଳା, ସଂସ୍କୃତି, ପରମ୍ପରା ପ୍ରତି ମୋର ଏହି ଦୁର୍ବଳତା ଛାତ୍ରାବସ୍ଥାରୁ ହିଁ ମୋ ଭିତରେ ରହିଆସିଛି। ତା'ଛଡ଼ା ଆଜକୁ ପ୍ରାୟ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ 'ମଶାଲ' ନାମକ ଏକ ସାଂସ୍କୃତିକ ପ୍ରତିଷ୍ଠାନର ଜଣେ କର୍ମକର୍ତ୍ତା ହୋଇ ରାଜ୍ୟସ୍ତରୀୟ ରଜ ମହୋତ୍ସବ ଭଳି ବିଭିନ୍ନ ପାରମ୍ପରିକ ଉତ୍ସବ ପାଳନ କରିବାରେ ନିଜକୁ ସାମିଲ କରି ବେଶ୍ ଖୁସି ଅନୁଭବ କରିପାରୁଛି। ଏହି ପ୍ରତିଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହୋତ୍ସବ ମାଧ୍ୟମରେ ଓଡ଼ିଶାର ପ୍ରତିଟି ଜିଲାର କଳା, ସଂସ୍କୃତି, ଖାଦ୍ୟପେୟ, ପାରମ୍ପରିକ କ୍ରୀଡ଼ା ଇତ୍ୟାଦିକୁ ଲୋକଲୋଚନକୁ ଆଣିବା। ଏହାଛଡ଼ା ସାହିତ୍ୟ କ୍ଷେତ୍ରରେ ମଧ୍ୟ ମୋର ବିଶେଷ ରୁଚି ରହିଛି। ଖାସ୍‌କରି ଗପ, କବିତା, ପ୍ରବନ୍ଧ ଲେଖିବାକୁ ମୋତେ ଖୁବ୍ ଭଲ ଲାଗେ। ୟା'ଭିତରେ ମୋର ୯ଟି ପୁସ୍ତକ ମଧ୍ୟ ପ୍ରକାଶିତ ହୋଇସାରିଲାଣି। ଯଥା: ନୀରବ ଝଡ଼, ଗଳ୍ପାୟନ, ଅଭିସାରିକା (ଗଳ୍ପ ସଂକଳନ), ସନ୍ଥ କବୀର, ନାନା ପ୍ରବନ୍ଧ, ଓଡ଼ିଶାର ପର୍ବପର୍ବାଣି, ଆମ ସଂସ୍କୃତି ଆମ ଓଡ଼ିଶା, ରଜ ମଉଜ, ବଡ଼ ଲୋକଙ୍କ ପିଲାଦିନ ଇତ୍ୟାଦି। ତା'ଛଡ଼ା ଏବେ ମୁଁ ନୂଆ ନୂଆ ଉପନ୍ୟାସ ଲେଖିବା ମଧ୍ୟ ଆରମ୍ଭ କରିଛି। ଭଗବାନଙ୍କ କୃପା ଥିଲେ ଆଗକୁ କଳା, ସଂସ୍କୃତି ତଥା ସାହିତ୍ୟ କ୍ଷେତ୍ରରେ ଆଉ କିଛି ଉଲ୍ଲେଖନୀୟ କାର୍ଯ୍ୟ କରିବାକୁ ନିହାତି ଚେଷ୍ଟା କରିବି।

*–ଅନ୍ୱିତା*



# ଏମିତି ଶୁଅନ୍ତି ଏମାନେ



**ମଣିଷ ଯେଉଁଭଳି ଭାବେ ଦିନଯାକର ପରିଶ୍ରମ ପରେ କିଛି ସମୟ ଶୋଇ ବିଶ୍ରାମ ନିଏ, ସେହିଭଳି ପ୍ରାଣୀଜଗତରେ ବି ହୁଏ। ତେବେ ପ୍ରାଣୀମାନଙ୍କ ଶୋଇବାକୁ ନେଇ ରହିଛି କିଛି ରୋଚକ ତଥ୍ୟ। ଜାଣନ୍ତୁ ସେ ସମ୍ପର୍କରେ..**

**ବିଲେଇ ଶୁଏ ୧୪ ଘଣ୍ଟା–** ଘରୋଇ ବିଲେଇ ହେଉ କି ଜଙ୍ଗଲୀ, ପ୍ରକୃତିରେ ଅଳସୁଆ ହୋଇଥାନ୍ତି। ଆଉ ଦିନର ୧୩-୧୪ ଘଣ୍ଟା କେବଳ ଶୋଇଥାନ୍ତି। ଶିକାର ପ୍ରାୟତଃ ରାତିରେ କରନ୍ତି। ଘରୋଇ ବିଲେଇଙ୍କୁ ତ ସେ ପରିଶ୍ରମ କରିବାକୁ ପଡେନି। ଆରାମରେ ଖାଇବା ମିଳିଯାଏ।

**୫-୮ ଘଣ୍ଟା ଶୁଅନ୍ତି ମହୁମାଛି–** ମହୁମାଛି ବହୁତ ପରିଶ୍ରମୀ ଓ ସବୁବେଳେ ଏମାନେ କାମ କରୁଥିବାର ଆମେ ଦେଖିଥାଉ। ତେବେ ଏମାନଙ୍କ ବିଶ୍ରାମ ତଥା ଶୋଇବା ବିଷୟରେ ପ୍ରାୟ ଜାଣି ନ ଥିବେ। ଏମାନେ ଦିନରେ ପ୍ରାୟ ୫-୮ ଘଣ୍ଟା ଶୁଅନ୍ତି। କିଛି ବିଶେଷଜ୍ଞଙ୍କ ମତରେ ମହୁମାଛିମାନେ ଶୋଇବାବେଳେ ପରସ୍ପରର ଗୋଡ଼ ଧରି ଶୁଅନ୍ତି।

**ହାତ ଧରାଧରି ହୋଇ ଶୁଅନ୍ତି ଓଧ–** ପ୍ରାଣୀଜଗତରେ ବେଶ୍ ସୁନ୍ଦର ଭାବେ ଶୋଉଥିବା ଜୀବ ହେଉଛି ଓଧ। ଏହି ଜଳଜୀବ ପାଣିରେ ପିଠି ପଟରେ ପହଁରି ପହଁରି ଶୁଅନ୍ତି। ତେବେ ଆଉ ଏକ ଖାସ୍ କଥା ହେଉଛି ସେମାନେ ଏକୁଟିଆ ଶୁଅନ୍ତି ନାହିଁ। ବରଂ ଦୁଇ ତିନି ଜଣ ଏକାଠି ପିଠିପଟରେ ଏବଂ ପରସ୍ପରର ହାତ ଧରାଧରି ହୋଇ ଶୁଅନ୍ତି। ଯେମିତିକି ସେମାନେ ଅଲଗା ନ ହେବେ।

**ଗୋଟେ ଆଖି ଖୋଲି ଶୁଅନ୍ତି ବତକ–** ବତକଙ୍କର ଶୋଇବାଶୈଳୀ ବି ବେଶ୍ ସ୍ୱତନ୍ତ୍ର। ସେମାନେ ଗୋଟିଏ ଲାଇନ୍‌ରେ ରହି ଶୁଅନ୍ତି। ଲାଇନ୍‌ର ପ୍ରଥମ ଓ ଶେଷ ବତକ ଗୋଟିଏ ଆଖି ଖୋଲି ଶୁଅନ୍ତି, ଯେମିତିକି ଯେକୌଣସି ହିଂସ୍ର ପ୍ରାଣୀଙ୍କ ଉପରେ ନଜର ରଖିପାରିବେ। ଲାଇନ୍‌ର ମଝିରେ ଥିବା ବତକ ଦୁଇ ଆଖି ବନ୍ଦ କରି ନିଶ୍ଚିନ୍ତରେ ଶୁଅନ୍ତି।

**ବେକ ମୋଡି ଶୁଅନ୍ତି ଜିରାଫ ଛୁଆ–** ଜିରାଫଙ୍କ ଶୋଇବା ତରିକା ବହୁତ ଅଲଗା ହୋଇଥାଏ। ସେମାନେ କିଛି କିଛି ଅନ୍ତରାଳରେ ଶୁଅନ୍ତି। ଥରକରେ ୫ ମିନିଟ୍‌ରୁ ଅଧିକ ସମୟ ଶୁଅନ୍ତି ନାହିଁ। ଆଉ ସମୁଦାୟ ସମୟକୁ ମିଶାଇଲେ ସାଢେ ୪ ଘଣ୍ଟା ଶୁଅନ୍ତି। ବଡ଼ ଜିରାଫ ଠିଆହୋଇ ହିଁ ଶୋଇଥାଏ। ହେଲେ ଜିରାଫ ଛୁଆ ତଳେ ବସି ବେକ ମୋଡି ଆରାମରେ ଶୁଅନ୍ତି।

**ଶୋଇବାର ପ୍ରତିଘଣ୍ଟାରେ ଆଖି ଖୋଲନ୍ତି ଡଲ୍‌ଫିନ୍–** ସାମୁଦ୍ରିକ ଜୀବ ଡଲ୍‌ଫିନ୍ ଶୋଇବାବେଳେ ନିଜ ମସ୍ତିଷ୍କର ଅଧା ଭାଗ ବନ୍ଦ କରି ଶୁଏ। ଆଉ ଶୋଇବା ପରେ ପ୍ରତି ଏକ ଘଣ୍ଟାରେ ପାଳିକରି ଗୋଟେ ପରେ ଗୋଟେ ଆଖି ଖୋଲିଥାଏ। ଆଉ ଆସୁ ବିପଦ ଉପରେ ନଜର ପକାଏ। ଏହାକୁ ୟୁନିହେମିସ୍ଫେରିକ ସ୍ଲିପ୍ ବୋଲି କୁହାଯାଏ। ଏହି ସମୟରେ ସିଏ ଗଭୀର ଜଳରେ ନ ରହି ଉପରଭାଗକୁ ଚାଲିଆସିଥାଏ।

**ଜଣେ ଜଣଙ୍କ ଉପରେ ଲଦି ହୋଇ ଶୁଅନ୍ତି ମୀରକ୍ୟାଟ୍–** ମୀରକ୍ୟାଟ ବହୁତ ଚଳଚଞ୍ଚଳ ଓ ନଟଖଟ୍ ହୋଇଥାଆନ୍ତି। ଏମାନେ ସବୁବେଳେ ସମୂହରେ ଦଳବଳ ହୋଇ ରହିବାକୁ ପସନ୍ଦ କରନ୍ତି। ଏମିତିକି ଶୋଇବାବେଳେ ବି କେହି କାହାକୁ ଛାଡନ୍ତି ନାହିଁ। ଏକାଠି ଲଦାଲଦି ହୋଇ ଶୁଅନ୍ତି। ଏହାଦ୍ୱାରା ଥଣ୍ଡା ରାତିରେ ଉଷ୍ମତା ରହିବା ସହ ଏକାଠି ରହିବାଦ୍ୱାରା ପରଭକ୍ଷୀଙ୍କ ଆକ୍ରମଣର ଭୟ ରହେନାହିଁ।















**ବରଫ ଭଳି ଶରୀରକୁ ଜମାଟ ବାନ୍ଧେଇ ଦିଏ ବେଙ୍ଗ–** ସାଧାରଣତଃ ଶୀତଦିନେ ବେଙ୍ଗ ଶୀତନିଦ୍ରାକୁ ଚାଲିଯାଏ। ଏହି ସମୟରେ ସେ ନିଜର ଜରୁରୀ ଅଙ୍ଗ ବ୍ୟତୀତ ଅନ୍ୟ ଅଙ୍ଗକୁ ବରଫ ଭଳି ଜମାଟ ବାନ୍ଧି ଦିଏ। ଆଉ ଶ୍ୱାସକ୍ରିୟାକୁ ବି ମନ୍ଥର କରିଦିଏ।

**୨୦ ଘଣ୍ଟା ଶୁଏ ବାଦୁଡି–** ବାଦୁଡିର ଡେଣା ବହୁତ ମଜଭୁତ ହୋଇଥାଏ। ଏହାର ଗୋଡ଼ର ନଖ ବି ବେଶ୍ ମଜଭୁତ। ଏହା ସବୁବେଳେ କୌଣସି ଉଚ୍ଚ ସ୍ଥାନରେ ଓଲଟା ଝୁଲି ରହି ଶୋଇଥାଏ। ଏହାଦ୍ୱାରା ସେମାନେ ପରଭକ୍ଷୀଙ୍କଠାରୁ ସୁରକ୍ଷିତ ରହିବାସହ ହଠାତ୍ ଆବଶ୍ୟକତା ପଡିଲେ ଉଡିପାରନ୍ତି। ଆଉ ଦିନରେ ବାଦୁଡି ପ୍ରାୟ ୨୦ ଘଣ୍ଟା ଶୋଇଥାଏ।

**ଯେକୌଣସି ସ୍ଥାନରେ ଶୋଇଯାଏ ୱାଲରସ୍–** ଲମ୍ବା ଦାନ୍ତ ଥିବା ସାମୁଦ୍ରିକ ସିଲ୍ ଜାତୀୟ ପ୍ରାଣୀ ୱାଲରସ୍ ଯେକୌଣସି ସମୟରେ ଯେକୌଣସି ସ୍ଥାନରେ ଶୋଇପାରେ। ଏହା ଭୂମିରେ ଗଡି, ପାଣିରେ ପହଁରି ଏମିତିକି ପାଣି ଭିତରେ ବି ଶୋଇପାରେ। ଭୂମି ଉପରେ ଏହା ୧୯ ଘଣ୍ଟା ପର୍ଯ୍ୟନ୍ତ ଶୋଇପାରେ।

**ଠିଆହୋଇ ଶୁଏ ଘୋଡ଼ା–** ଏଭଳି ଶୋଇବାର ଗୋଟିଏ ଉପକାର ହେଉଛି ଯେ, ବିପଦ ଆସିଲେ ସେ ସଙ୍ଗେ ସଙ୍ଗେ ଦୌଡ଼ିପାରେ। ଏଭଳି ଶୋଉଥିବା ଯୋଗୁ ଏମାନେ ଗାଢ ନିଦରେ ଶୋଇପାରନ୍ତି ନାହିଁ।

**ଗଛରେ ବସା ବାନ୍ଧି ଆରାମରେ ଶୁଅନ୍ତି ସିମ୍ପାଞ୍ଜି–** ଉଚ୍ଚ ଓ ଶକ୍ତ ଗଛରେ ଡାଳ ପତ୍ର ସାହାଯ୍ୟରେ ସିମ୍ପାଞ୍ଜି ବସା ବାନ୍ଧନ୍ତି। ଫଳରେ ସେମାନେ ପରଭକ୍ଷୀଙ୍କଠାରୁ ସୁରକ୍ଷା ପାଆନ୍ତି। ତା'ସହ ଆରାମରେ ଶୋଇପାରନ୍ତି।

**ଉଡ଼ିବାବେଳେ ଶୁଅନ୍ତି ଗ୍ରେଟ୍ ଫ୍ରିଗେଟ୍ ଚଢ଼େଇ–** ଏହି ଚଢ଼େଇ ମାସ ମାସ ଧରି ଉଡିପାରନ୍ତି। ତେଣୁ ସେମାନେ କିଭଳି ଶୋଉଥିବେ ସେ କଥା ମନକୁ ନିଶ୍ଚିତଭାବେ ଆସୁଥିବ। ଏମାନେ ଦିନରେ ପ୍ରାୟ ୪୦ ମିନିଟ୍ ଉଡ଼ିବା ସମୟରେ ଶୋଇଥାଆନ୍ତି। ଆଶ୍ଚର୍ଯ୍ୟ ଲାଗିଲେ ବି କଥାଟି ସତ। ଆଉ ଭୂମିରେ ଏହାଠାରୁ ଅଧିକ ସମୟ ଶୁଅନ୍ତି।

**ଗାଢ଼ ନିଦରେ ଶୋଇପାରନ୍ତିନି ସାର୍କ–** ସାର୍କର ଅନେକ ପ୍ରଜାତିଙ୍କୁ ଲଗାତର ପାଣିରେ ପହଁରିବାକୁ ପଡ଼ିଥାଏ, ଯଦ୍ୱାରାକି ତାଙ୍କ ଗାଲିସି ଉପରେ ପାଣି ରହିବ ଓ ସେମାନେ ଅମ୍ଳଜାନ ପାଇପାରିବେ। ଫଳରେ ସେମାନେ ଗାଢ଼ ନିଦରେ ଶୋଇପାରନ୍ତି ନାହିଁ। ଆଉ ସେମାନଙ୍କୁ ପହଁରି ପହଁରି ଶୋଇବାକୁ ପଡ଼େ। ଏମାନେ ଶୋଇବାବେଳେ ମସ୍ତିଷ୍କର କିଛିଭାଗକୁ କମ୍ ସକ୍ରିୟ ରଖିଥାନ୍ତି।



ଶିଳ୍ପା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଟେକ୍‌ନିକ

ଜଜ୍ ଚୋରକୁ- ଘରେ ମାଲିକ ଥାଉ ଥାଉ ତୁ ଚୋରି କେମିତି କଲୁ ?
ଚୋର-ଆଜ୍ଞା ! ଆପଣ ଏତେ ବଡ ପଦବୀରେ ଅଛନ୍ତି। ଏତେ ଭଲ ଦରମା ପାଉଛନ୍ତି। କେତେ ମାନସମ୍ମାନ ଆପଣଙ୍କର। ଆପଣ ଏଇ ଟେକ୍‌ନିକ ଜାଣି କ'ଣ କରିବେ ?

### ବାହାଘର


ରାଜୁ ରମେଶକୁ- ଆରେ ମୋର ଆଉ ମୋ ଗର୍ଲଫ୍ରେଣ୍ଡର ବାହାଘର ହେଉଛି।
ରମେଶ- କଂଗ୍ରାଚୁଲେସନ୍ସ। ଯାହା ହେଉ ଏତେଦିନର ପ୍ରେମ ସଫଳ ହେବାକୁ ଯାଉଛି। ତେବେ ତାରିଖଟା କହିଲୁନି।
ରାଜୁ- ମୋର ୨୦ ଜୁନ୍‌ରେ ଓ ଗର୍ଲଫ୍ରେଣ୍ଡର ୬ ଜୁଲାଇରେ।

### ଫିଲ୍ମ

ସ୍ୱାମୀ ସ୍ତ୍ରୀକୁ- ମୁଁ ଗୋଟେ ଫିଲ୍ମ କରିବି। ତମେ ସେଥିରେ ଅଭିନୟ କରିବ କି ?
ସ୍ତ୍ରୀ- ହଁ, ନିଶ୍ଚୟ। ହେଲେ ସେଥିରେ ମୁଁ କେଉଁ ଅଭିନୟ କରିବି ?
ସ୍ୱାମୀ- ବହୁତ ସହଜ। ତମକୁ କେବଳ ନଦୀ ଭିତରକୁ ଧୀରେ ଧୀରେ ଯାଇ ଠିଆ ହେବାକୁ ପଡ଼ିବ।
ସ୍ତ୍ରୀ- ଓଃ..ମୁଁ କରିପାରିବି। ତେବେ ଏ ଫିଲ୍ମର ନାଁ କ'ଣ ?
ସ୍ୱାମୀ- ଗୟି ଭେଁସ ପାନି ମେଁ।

# ଗ୍ରୀଷ୍ମର ସାଥୀ ଅର୍କି

**ହୀମାଚଳ ପ୍ରଦେଶସ୍ଥିତ ଅର୍କି ହେଉଛି ଏମିତି ଏକ ସ୍ଥାନ, ଯେଉଁଠାରେ ପର୍ଯ୍ୟଟକ ଅନେକ ଐତିହାସିକ ସ୍ମାରକୀ, ଧାର୍ମିକ ପୀଠ ତଥା ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାକାର ଶୀତଳତାପୂର୍ଣ୍ଣ ଜଳବାୟୁ ଖରାଦିନେ ଛୁଟି କଟାଇବା ପାଇଁ ବେଶ୍ ଅନୁକୂଳ ହୋଇଥାଏ। ସେଥିପାଇଁ ଅନେକେ ଏହାକୁ ଗ୍ରୀଷ୍ମର ସାଥୀ ଅର୍କି ବୋଲି କହିଥାନ୍ତି...**








**ହୀ**ମାଚଳ ପ୍ରଦେଶର ସୋଲାନ୍ ଜିଲା ଅନ୍ତର୍ଗତ ଏକ ଛୋଟ ସହର ହେଉଛି ଅର୍କି। ଏହା ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ମଧ୍ୟ ଜଣାଶୁଣା। କାରଣ ଏଠାରେ ଦେଖିବାକୁ ମିଳିଥାଏ ଅନେକ ଐତିହାସିକ ସ୍ମାରକୀ, ଧାର୍ମିକ ପୀଠ, ଦୁର୍ଗ ଇତ୍ୟାଦି। ତେବେ କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ଏଠାକାର ଶୀତଳ ଜଳବାୟୁ ବି ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। କାରଣ ଅର୍କିଠାରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ସିମ୍ଲା, ଯାହାକୁ ଦିନେ ବ୍ରିଟିଶ ସମୟରେ ଗ୍ରୀଷ୍ମକାଳୀନ ରାଜଧାନୀ ଭାବେ ଘୋଷଣା କରାଯାଇଥିଲା। ତେଣୁ ଏହିଥିରୁ ଅନୁମାନ କରାଯାଏ ଯେ, ସିମ୍ଲାର ଜଳବାୟୁ ଓ ଅର୍କିର ଜଳବାୟୁ ପ୍ରାୟତଃ ସମାନ ରହିଥାଏ। ବିଶେଷକରି ଖରାଦିନେ ଏଠାକାର ପାଣିପାଗ ବେଶ୍ ଶୀତଳତା ପ୍ରଦାନ କରୁଥିବାରୁ ପର୍ଯ୍ୟଟକଙ୍କର ଏଠାରେ ଖୁବ୍ ଭିଡ଼ ଜମେ।

**କେବେ ଯିବେ:** ବର୍ଷତମାମ୍ ଅର୍କିର ଜଳବାୟୁ ବେଶ୍ ଅନୁକୂଳ ରହିଥାଏ। ମାର୍ଚ୍ଚରୁ ଜୁନ୍ ଏଠାରେ ଗ୍ରୀଷ୍ମଋତୁ ଚାଲିଥିବାବେଳେ ଜୁଲାଇରୁ ଅଗଷ୍ଟ ବର୍ଷା ଏବଂ ନଭେମ୍ବରରୁ ଫେବୃୟାରୀ ଶୀତ ଅନୁଭୂତ ହୋଇଥାଏ। ଖରା ଓ ବର୍ଷା ତୁଳନାରେ ଏଠାରେ ଶୀତ ଟିକେ ଅଧିକ ଜଣାପଡେ। ଏହି ସମୟରେ ଏଠାକାର ସର୍ବାଧିକ ତାପମାତ୍ରା ୮ ଡିଗ୍ରୀ ରହୁଥିବାବେଳେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ। ସେହିପରି ଖରାଦିନେ ମଧ୍ୟ ଏଠାରେ ସେତେ ଗରମ ଅନୁଭୂତ ହୁଏ ନାହିଁ। ଶୀତଳ ପବନ ସାଙ୍ଗକୁ ସ୍ୱଚ୍ଛ ପରିବେଶ ଏଠାକାର ପାଣିପାଗକୁ ଖରାଦିନେ ବି ବେଶ୍ ମନଲୋଭା କରି ଦେଇଥାଏ। ତେଣୁ ଖରାଦିନେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ।

**କେମିତି ଯିବେ:** ସୂଚନାନୁଯାୟୀ, ଅର୍କିକୁ କୌଣସି ବସ୍ ସିଧାସଳଖ ଯାଏନାହିଁ। ହେଲେ ଅର୍କିଠାରୁ ମାତ୍ର ୫୨ କି.ମି. ଦୂରରେ ଥିବା ସିମ୍ଲାକୁ ଦେଶର ବିଭିନ୍ନ ସ୍ଥାନରୁ ବସ୍, ଟ୍ରେନ୍ ତଥା ବିମାନ ଚଳାଚଳ କରିଥାଏ। ତେବେ ପ୍ରାୟ ୭୨ କି.ମି. ଦୂରରେ ଥିବା କାଲ୍‌କା ରେଲୱେ ଷ୍ଟେଶନ ହେଉଛି ଅର୍କିର ନିକଟତମ ଏକ ପ୍ରମୁଖ ରେଲଷ୍ଟେଶନ, ଯେଉଁଠାକୁ ଦେଶର ବଡ଼ ବଡ଼ ସହରରୁ ଟ୍ରେନ୍ ଚଳାଚଳ କରିଥାଏ। ସେହିପରି ସିମ୍ଲା ଏୟାରପୋର୍ଟ ହେଉଛି ଅର୍କିର ନିକଟବର୍ତ୍ତୀ ବିମାନବନ୍ଦର, ଯେଉଁଠାରୁ ଅର୍କିକୁ ଯିବାପାଇଁ ପର୍ଯ୍ୟଟକଙ୍କୁ ସୁବିଧାରେ ଟ୍ୟାକ୍ସି ବି ମିଳିଯାଏ।



## କ'ଣ ଦେଖିବେ

**ଅର୍କି ଦୁର୍ଗ ଓ ଅର୍କି ପ୍ରାସାଦ:** ଏହା ହେଉଛି ଅର୍କିର ଦୁଇ ପ୍ରମୁଖ ଐତିହାସିକ ସ୍ମାରକୀ। ସୂଚନାନୁଯାୟୀ, ରାଣା ପୃଥ୍ୱୀ ସିଂହଙ୍କ ଦ୍ୱାରା ୧୬୯୫ରୁ ୧୭୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅର୍କି ଦୁର୍ଗଟି ନିର୍ମିତ ହୋଇଥିଲା। ଏହି ଦୁର୍ଗଟିର ନିର୍ମାଣଶୈଳୀ ଉଭୟ ରାଜ୍‌ପୁତ୍ ଓ ମୋଗଲମାନଙ୍କ କାରୁକାର୍ଯ୍ୟକୁ ଅନୁକରଣ କରି କରାଯାଇଥିଲା। ବିଶେଷକରି ଏହି ଦୁର୍ଗରେ ହୋଇଥିବା ପହରି ଶୈଳୀର ୱାଲ୍ ପେଣ୍ଟିଂ ବେଶ୍ ଆକର୍ଷକ ଲାଗୁଥିଲା ; ଯେଉଁଥିରେ ମୁଖ୍ୟତଃ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଜୀବନଶୈଳୀକୁ ପେଣ୍ଟିଂ ମାଧ୍ୟମରେ ଦର୍ଶାଇବାକୁ ପ୍ରୟାସ କରାଯାଇଥିଲା। ଏତେ ବର୍ଷ ପରେ ମଧ୍ୟ ଏହି ପେଣ୍ଟିଂର କିଛି କିଛି ଛାପ ଏବେ ବି ଦେଖିବାକୁ ମିଳେ। ସେହିପରି ରାଣା ପୃଥ୍ୱୀ ସିଂହଙ୍କର ଅନ୍ୟ ଏକ ଅବଦାନ ଥିଲା ଅର୍କି ପ୍ରାସାଦକୁ ନିର୍ମାଣ କରିବାରେ। ଏହି ପ୍ରାସାଦର ମଧ୍ୟ ଅନେକ ବିଶେଷତ୍ୱ ରହିଛି। ବିଶେଷକରି ଏହାର କାନ୍ଥଗୁଡ଼ିକରେ ଅଙ୍କିତ ହୋଇଥିବା ବିଭିନ୍ନ ପ୍ରକାର ନୀତିଶିକ୍ଷା ସମ୍ବଳିତ ଚିତ୍ରସବୁ ଏବେ ବି ଦର୍ଶକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

**ଦେବଦେବୀ ମନ୍ଦିର:** ଅର୍କିରେ ଅନେକ ଧାର୍ମିକ ପୀଠମାନ ଦେଖିବାକୁ ମିଳିଥାଏ। ବିଶେଷକରି ଲୁଟ୍‌ରୁ ମହାଦେବ ମନ୍ଦିର, ଭଦ୍ରକାଳୀ ମନ୍ଦିର, ଦୁର୍ଗା ମନ୍ଦିର, ସଖନୀ ମହାଦେବ ମନ୍ଦିର ତଥା ଲକ୍ଷ୍ମୀନାରାୟଣ ମନ୍ଦିର ଆଦି ହେଉଛି ଅର୍କିର କେତେକ ପ୍ରମୁଖ ଦେବଦେବୀସ୍ଥଳୀ। ଅର୍କିଠାରୁ ମାତ୍ର ୪ କି.ମି. ଦୂରରେ ଥିବା ଲୁଟ୍‌ରୁ ମହାଦେବ ମନ୍ଦିରଟି ଦେବଦେବ ମହାଦେବଙ୍କୁ ସମର୍ପିତ। ଏଠାରେ ମହାଶିବରାତ୍ରି ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ସେହିପରି ଦୁର୍ଗା ମନ୍ଦିରଟିର ନିର୍ମାଣଶୈଳୀ ଶିଖର ଷ୍ଟାଇଲ୍‌ରେ ହୋଇଥିବାରୁ ଏହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ। ଅନ୍ୟପକ୍ଷେ ସଖନୀ ମହାଦେବ ମନ୍ଦିରଟି ଟିକେ ଉଚ୍ଚ ସ୍ଥାନରେ ଅବସ୍ଥିତ ହୋଇଥିବାରୁ ଏଠାକୁ ପର୍ଯ୍ୟଟକ ବୁଲିଗଲେ ଚତୁଃପାର୍ଶ୍ୱର ଆକର୍ଷଣୀୟ ଦୃଶ୍ୟ ଦେଖି ବେଶ୍ ବିମୋହିତ ହୋଇଯାଇଥାନ୍ତି।

କେବଳ ଏତିକି ନୁହେଁ, ଅର୍କିରେ ଧୁନ୍‌ଦାନ୍, ବଖଲାଗ୍, ଶିବ ଗୁମ୍ଫା ନାମରେ କେତେକ ଆକର୍ଷଣୀୟ ସ୍ଥାନ ମଧ୍ୟ ରହିଛି ; ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନଲୋଭା ହୋଇଥାଏ।



# ଦୁହେଁ ଦୁହିଁଙ୍କୁ ପିନ୍ଧାଇଲେ







ସୋସିଆଲ ମିଡିଆରେ ଏବେ ଏକ ବିବାହର ଫଟୋ ବେଶ୍ ଚର୍ଚ୍ଚାରେ ଅଛି। ଚର୍ଚ୍ଚାରେ ରହିବାର କାରଣ ଜାଣିଲେ ଆପଣମାନେ ବି ଚକିତ ହୋଇଯିବେ। ବିବାହ ଥିଲା ଶର୍ଦ୍ଦୁଲ କଦମ୍‌ଙ୍କର। ସାତ ଫେରା ପରେ ଶର୍ଦ୍ଦୁଲ କନିଆଙ୍କ ଗଳାରେ ରୀତି ଅନୁଯାୟୀ ମଙ୍ଗଳସୂତ୍ର ବାନ୍ଧିଥିଲେ। କିନ୍ତୁ କିଛି ସମୟ ପରେ କନିଆ ତନୁଜା ଅନ୍ୟ ଏକ ମଙ୍ଗଳସୂତ୍ର ଶର୍ଦ୍ଦୁଲଙ୍କ ଗଳାରେ ବାନ୍ଧିଥିଲେ। ବିବାହର ରୀତିନୀତି ବିପରୀତରେ ଘଟିଥିବା ଏହି ଦୃଶ୍ୟକୁ ଦେଖି ଉପସ୍ଥିତ ସମସ୍ତ ଅତିଥି ଓ ବନ୍ଧୁବାନ୍ଧବ ଚକିତ ହୋଇଯାଇଥିଲେ। ଶର୍ଦ୍ଦୁଲଙ୍କୁ ଏହାର କାରଣ ପଚାରିବାରେ ସେ କହିଥିଲେ ନିଜ କାହାଣୀ। ଦୁହିଁଙ୍କ ପ୍ରେମ କାହାଣୀ ଗ୍ରାଜୁଏସନ୍‌ର ୪ ବର୍ଷପରେ ଆରମ୍ଭ ହୋଇଥିଲା। ଗ୍ରାଜୁଏସନ୍ ପରେ ସେମାନଙ୍କର ଦେଖା ହୋଇ ନ ଥିଲା। ତେବେ ଥରେ ତନୁଜାଙ୍କ ଫେସ୍‌ବୁକ୍ ପୋଷ୍ଟରେ ଶର୍ଦ୍ଦୁଲ କମେଣ୍ଟ ଦେଇଥିଲେ। ଏହାପରେ ଦୁହିଁଙ୍କର କଥାବର୍ତ୍ତା ଆରମ୍ଭ ହୋଇଥିଲା। ପରେ ଦେଖାସାକ୍ଷାତ ବି ହେଲା। ଦୁହେଁ ନାରୀବାଦ ଉପରେ କଥା ହୋଇଥିଲେ। ଶର୍ଦ୍ଦୁଲ କହିଥିଲେ, ସେ ଜଣେ ହାର୍ଡକୋର୍ ଫେମିନିଷ୍ଟ। ଏହା ଶୁଣି ତନୁଜା ଖୁସି ହୋଇଯାଇଥିଲେ। ଆଉ ଦୁହିଁଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହୋଇଥିଲା। ବର୍ଷକର ଡେଟିଂ ପରେ ଦୁହେଁ ବିବାହ ପାଇଁ ଯୋଜନା କରିଥିଲେ। ଏହି ସମୟରେ ଥରେ ଶର୍ଦ୍ଦୁଲ କହିଥିଲେ, କେବଳ ଝିଅ ହିଁ କାହିଁକି ମଙ୍ଗଳସୂତ୍ର ପିନ୍ଧନ୍ତି। ଆମ ବାହାଘରେ ମୁଁ ବି ମଙ୍ଗଳସୂତ୍ର ପିନ୍ଧିବି। ଏହି ନିଷ୍ପତ୍ତିରେ ପରିବାର ଲୋକ ଚକିତ ହୋଇଯାଇଥିଲେ। କିନ୍ତୁ ଶର୍ଦ୍ଦୁଲ କହିଥିଲେ ବିବାହ ଦିନ ମୁଁ ନିଶ୍ଚିତଭାବେ ମଙ୍ଗଳସୂତ୍ର ପିନ୍ଧିବି, ଯାହା କି ନାରୀ ପୁରୁଷ ମଧ୍ୟରେ ସମାନତାକୁ ଦର୍ଶାଇବ। ଶେଷରେ ସେ ସେଇୟା ହିଁ କରିଥିଲେ।

## କାର୍ଟୁନ କର୍ନର







# ଗୋଡାଲ ଗାଁ ପରିବା ଚାଷ ପାଇଁ ନାଁ





ନୂଆପଡ଼ା ଜିଲା ସିନାପାଲି ବ୍ଲକ ସଦର ମହକୁମାଠାରୁ ୨କି.ମି. ଗଲେ ପଡ଼େ ଗୋଡାଳ ଗ୍ରାମ। ସବୁଜ ପନିପରିବା ଚାଷ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏହି ଗାଁ। ଗ୍ରାମରେ ଅନେକ ଜାତିର ଲୋକେ ବସବାସ କରନ୍ତି। ଗ୍ରାମର ଜନସଂଖ୍ୟା ପ୍ରାୟ ୪ ହଜାର ଥିବାବେଳେ ଏହି ଗ୍ରାମର ଲୋକେ ପୁରୁଷାନୁକ୍ରମେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି। ଗ୍ରାମର ପ୍ରାୟ ୧୬୦ପରିବାର ପନିପରିବା ଚାଷ କରୁଥିବା ବେଳେ ଯେଉଁମାନେ ଚାଷ କରୁନାହାନ୍ତି ସେମାନେ ପନିପରିବା କିଣି ବାହାର ଅଞ୍ଚଳ ତଥା ପଡ଼ୋଶୀ ଛତିଶଗଡ଼, କଳାହାଣ୍ଡି ସମେତ ଜିଲାର ଅନେକ ହାଟ ବଜାରକୁ ବିକ୍ରି କରିବା ପାଇଁ ନେଇଥାନ୍ତି। ଏହି ଗ୍ରାମଟି ପନିପରିବା ପାଇଁ ବେଶ୍ ଚର୍ଚ୍ଚିତ ରହିଥିବା ବେଳେ ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଗାଁର ଲୋକେ କେବେ ବି ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଆନ୍ତି ନାହିଁ। ନିଜ ଗାଁ ମାଟିରେ ନିଜେ ପରିଶ୍ରମ କରି ଅନ୍ୟକୁ ମଧ୍ୟ ରୋଜଗାର ଦେଉଛନ୍ତି। ଦିନ ଥିଲା ଟେଣ୍ଡାରେ ପାଣି ଉଠାଇ ଚାଷବାସ କରୁଥିଲେ କିନ୍ତୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ରିହାତିରେ ପାଇପ ଓ ବୋର୍ ଖନନ କରି ପାଣି ଉଠାଇ ଚାଷବାସ କରୁଛନ୍ତି। ଦୀର୍ଘବର୍ଷ ଧରି ଏହି ଗାଁର ଲୋକେ ଚାଷବାସ କରି ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଗାଁରେ ମହିଳା ମାନେ ମଧ୍ୟ ଖୁବ୍ ପରିଶ୍ରମୀ। ସେମାନେ ପୁରୁଷମାନଙ୍କୁ ସହଯୋଗ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସରକାରଙ୍କ ରିହାତିର ବେଶ୍ ଫାଇଦା ଉଠାଉଛନ୍ତି। ଏହି ଗାଁର କୃଷକମାନଙ୍କୁ ସିନାପାଲି କୃଷୀ ବିଭାଗ ତରଫରୁ ମଧ୍ୟ ପୁରସ୍କୃତ କରାଯାଇଛି।

ଏହି ଗାଁର ଜଣେ ଚାଷୀ ଦୁଷ୍ମନ୍ତ ପଟେଲ କହନ୍ତି, ଆମର ୨ ଏକର ଜମି ରହିଛି। ଏହି ଜମିରେ ପୂର୍ବରୁ ଧାନ ଚାଷ କରୁଥିଲି। ଧାନ ବିକ୍ରି ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥଲା। ଏଭଳି ପରିସ୍ଥିତିରେ ଆମେ ଦୀର୍ଘ ବର୍ଷ ହେବ ପନିପରିବା ଚାଷ କରୁଛୁ। ଭଲ ଦୁଇ ପଇସା ରୋଜଗାର ମଧ୍ୟ ହେଉଛି।

ଆଉ ଜଣେ ଗ୍ରାମବାସୀ ଭୋଜନି ପଟେଲ କହନ୍ତି, ଆମର ଜମିବାଡି କିଛି ନାହିଁ ତଥାପି ଆମ ପରିବାର ଚଳାଇବା ପାଇଁ ଅସୁବିଧା ହେଉନାହିଁ। ପନିପରିବାକୁ ଆମ ପରିବାରର ସଦସ୍ୟ ବିଭିନ୍ନ ହାଟ ବଜାରରେ ବିକ୍ରି ପାଇଁ ନେଇଥାନ୍ତି। ଏଭଳି ନିତିଦିନ ସକାଳୁ ସକାଳୁ ପରିବା ନେଇ ବିକ୍ରି କରି ଆମର ପରିବାର ବେଶ୍ ହସ ଖୁସିରେ ରହିଛି। ଆମେ କେବେ ହେଲେ ବାହାର ରାଜ୍ୟକୁ ଯାଇନୁ କି କେବେ ଯିବୁ ନାହିଁ। ଲକ୍‌ଡାଉନ୍ ପାଇଁ ଏବେ ବାହାରକୁ ଯାଇ ହେଉନାହିଁ। ସାପ୍ତାହିକ ହାଟ ବନ୍ଦ ରହିଛି। ତେଣୁ ସକାଳୁ ସକାଳୁ ଯାହା ବିକ୍ରି କରୁଛୁ ସେଥିରେ ଆମ ପରିବାର ଚଳାଉଛୁ।

ଆଉ ଜଣେ ଚାଷୀ ପୁନର୍ଜିତ ପଟେଲ କହନ୍ତି, ଆମର ପୁରୁଷାନୁକ୍ରମେ ଏହି ଚାଷ କରି ଆସୁଛୁ। ଜୈବିକ ସାର ପ୍ରୟୋଗ କରି ଏହି ପନିପରିବା ଚାଷ କରିଥାଉ। ଆମର ୧.୫ ଏକର ଜମିରେ ପରିବାରିର ସମସ୍ତେ ପରିଶ୍ରମ କରୁ। ବାର୍ଷିକ ହାରାହାରି ୩ ଲକ୍ଷ ଟଙ୍କା ରୋଜଗାର କରିଥାଉ। ଏହି ଜମିରେ ଯଦି ଆମେ ଧାନ ଚାଷ କରିବୁ ତାହା ହେଲେ ଅତିବେଶିରେ ୩୦ରୁ ୪୦ ହଜାର ଟଙ୍କା ମଧ୍ୟରେ ପାଇବୁ । ଏଥିରେ ଆମର ପରିବାର ପ୍ରତିପୋଷଣ ମଧ୍ୟ ହେବ ନାହିଁ। ପନିପରିବା ଚାଷରୁ ପୁଅ ବାହାଘର, ଝିଅ ବାହାଘର ସମେତ ଅନେକ ସାମାଜିକ କାର୍ଯ୍ୟ କରିଛି। କେବେ କାହାକୁ ହାତ ପତାଇବାକୁ ପଡିନି। ବିଲକୁ ଗ୍ରାହକମାନେ ଆସି ପରିବା ନେଇ ଯାଇଥାନ୍ତି। ଆମେ ଜୈବିକ ସାର ପ୍ରୟୋଗ କରି ଚାଷ କରୁଥିବାରୁ ଗ୍ରାହକମାନେ ଖୋଜି ଖୋଜି ଆସି ଶାଗ ନେଉଛନ୍ତି। ଚାଷ ପାଇଁ କୃଷି ବିଭାଗ ତରଫରୁ ମଧ୍ୟ ପୁରସ୍କାର ଲାଭ କରିଛି।

ଆଉ ଜଣେ ଚାଷୀ ମୁଣ୍ଡୁ ନାଏକ କହନ୍ତି, ମୁଁ ଅନ୍ୟର ଜମିକୁ ଲିଜ୍‌ରେ ନେଇ ପନିପରିବା ଚାଷ କରୁଛି। ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ଭାବରେ ଯିବା ଅପେକ୍ଷା ଏଇଠି ଚାଷ କରି ଗାଁ ମାଟିରେ ପରିବାର ସହିତ ରହିବା ଆମକୁ ଆନନ୍ଦ ଲାଗେ। ପନିପରିବା ଚାଷ ଉପରେ ନିର୍ଭର କରି ପରିବାର ପୋଷଣ ସୁରୁଖୁରୁରେ ଚାଲିଛି। ଆମର କିଛି ଚିନ୍ତା ନାହିଁ।

ଆଜିର ପରିସ୍ଥିତିରେ ରୋଜଗାର ହରାଇ ଦୁଶ୍ଚିନ୍ତାରେ ଥିବା ଲୋକମାନଙ୍କ ପାଇଁ ଏମାନେ ସତରେ ଉଦାହରଣ।






**-ଶୁଭ୍ରାଂଶୁ କୁମାର ନାୟକ**
*ସିନାପାଲି*

## ପୁସ୍ତକ ସମୀକ୍ଷା

**କବିତା ସଙ୍କଳନ : ସମ୍ପର୍କର ବାଲିରାଜା ଏବଂ ମର୍ତ୍ତ୍ୟପୁର**
**ଲେଖକ : ଡକ୍ଟର ଶମ୍ଭୁନାଥ ରାଉତ**
**ପ୍ରକାଶକ : ବୁକମେଟ ପ୍ରକାଶନୀ**

ବାଉନଟି କବିତା ସମ୍ବଳିତ ଶହେ ବୟାଳିଶ ପୃଷ୍ଠାର ଏହି ସଙ୍କଳନର ସ୍ଥାନେ ସ୍ଥାନେ ସନ୍ନିବିଷ୍ଟ ହୋଇଛି ମାନମୟୀ ରଥଙ୍କ ଦ୍ୱାରା ଅଙ୍କିତ ତିରିଶଟି ରେଖାଚିତ୍ର । ତାଙ୍କ କବିତାର ଅନେକ ଉପାଦାନ ପ୍ରକୃତିରୁ ସଂଗୃହୀତ । ନୈସର୍ଗିକ ପ୍ରକୃତି ସହିତ ସାଧାରଣ ଜୀବନର ସମନ୍ୱୟ ତାଙ୍କର ଅନେକ କବିତାର ଚାଳିକା ଶକ୍ତି । ମାତ୍ରା ଛନ୍ଦକୁ ନେଇ ଏହି ସଙ୍କଳନରେ ଅନେକ ପରୀକ୍ଷା ନିରୀକ୍ଷା କରିଛନ୍ତି କବି । ଏହି ପରୀକ୍ଷଣ ଭିତରୁ ପାଠକଙ୍କ ପାଇଁ ଏକ ଭିନ୍ନ ଆବେଦନ ସୃଷ୍ଟି ହୋଇଛି । ତାଙ୍କର ଅନ୍ୟାନ୍ୟ କବିତା ସଂକଳନ ଭଳି ଏହି ସଂକଳନଟି ମଧ୍ୟ ପାଠକମାନଙ୍କର ହୃଦୟଗ୍ରାହୀ ହେବାର ଆଶା କରାଯାଏ ।




**କବିତା ସଙ୍କଳନ : ଗର୍ଭାଗ୍ନି**
**କବି : ଶୁଭଶ୍ରୀ ଶୁଭସ୍ମିତା ମିଶ୍ର**
**ପ୍ରକାଶକ : ଇଭେଣ୍ଟସ ପ୍ରକାଶନୀ**

'ଅଯୋଧ୍ୟା ଏକ' କବିତାଠାରୁ ଆରମ୍ଭ କରି 'ଆଖିର ମହାକାବ୍ୟ' ପର୍ଯ୍ୟନ୍ତ ଏକଷଠି କବିତା ଏହି ସଙ୍କଳନରେ ସନ୍ନିବିଷ୍ଟ । ସମ୍ପୃକ୍ତ କବିତାଗୁଡିକ ଭିତରେ ଅଛି ଏକ ଅଣାୟତ୍ତ ସ୍ଫୁଲିଙ୍ଗ । ସଂକଳନର କବିତାଗୁଡ଼ିକରେ ସଞ୍ଚିତ ହୋଇଅଛି ପୁଞ୍ଜିଭୁତ ବେଦନା, ଆକ୍ରୋଶ, କ୍ଷୋଭ ଓ ଦ୍ରୋହ । ଜଣେ ନାରୀ ସାମାଜିକ ଜୀବନରେ ଯାହାସବୁ ଭୋଗେ ତାକୁ ନୀରବରେ ସହିନେବା ତାଙ୍କ କବିତାର ନୀତି ବିରୁଦ୍ଧ। ପରମ୍ପରାଠାରୁ ଆରମ୍ଭ କରି ଇତିହାସ ପର୍ଯ୍ୟନ୍ତ, ଅତୀତର ସଂସ୍କୃତିରୁ ଆରମ୍ଭ କରି ସମକାଳ ପର୍ଯ୍ୟନ୍ତ ସେ ଯେଉଁଠି ନାରୀ ଓ ବ୍ୟକ୍ତିସତ୍ତାର ଅମର୍ଯ୍ୟାଦା ଦେଖିଛନ୍ତି ସେଠାରେ କବିତାକୁ କରିଛନ୍ତି ଅସ୍ତ୍ର। ହଁ, ତାଙ୍କର କିଛି କବିତାରେ ରୁକ୍ଷତା ଏବଂ ସ୍ଥୂଳତା ପରିଦୃଷ୍ଟ ହୁଏ । କବିତା ସଙ୍କଳନର ମୂଲ୍ୟ ରହିଛି ମାତ୍ର ଦେଢ଼ ଶହ ଟଙ୍କା । କବିତା ସଙ୍କଳନଟି ପାଠକୀୟ ଆଦର ଲାଭ କରିବାର କ୍ଷମତା ରଖେ।

ବ୍ୟାକ୍ ପେଜ୍



# ପୋଷା ମାଛଙ୍କୁ ବୁଲେଇ ନେବେ ଏହି ବ୍ୟାଗ୍‌ରେ

ଏକ ଜାପାନୀ କମ୍ପାନୀ ତିଆରି କରୁଛି ଏମିତି ଏକ କଣ୍ଟେନର୍ ଭଳି ବ୍ୟାଗ୍, ଯାହା ଭିତରେ ଆପଣ ଜୀବନ୍ତ ମାଛ ରଖି ବାହାରକୁ ଧରି ବୁଲିବାକୁ ଯାଇପାରିବେ। କତ୍‌ସୁଗ୍ୟୋ ବ୍ୟାଗ୍ ହେଉଛି ଏହାର ନାମ। ଏହା ଦେଖିବାକୁ ଏକ ଲମ୍ବା ଟ୍ୟୁବ୍ ପରି, ଯାହାର ମଝିଭାଗ ଟ୍ରାନ୍ସପରେଣ୍ଟ ହୋଇଥାଏ। ଏଥିରେ ଏକ ହ୍ୟାଣ୍ଡେଲ ଓ ଗଜ୍ ଥାଏ। ମଝିଭାଗର ଟ୍ରାନ୍ସପରେଣ୍ଟ ସେସକ୍ସନରେ ଥିବା ପାଣିରେ ଅମ୍ଳଜାନ ସାଚୁରେସନ୍‌କୁ ମନିଟର କରିଥାଏ ଗଜ୍। ଏହି ବ୍ୟାଗ୍ ଏବେ ଡେଭଲପମେଣ୍ଟ ଷ୍ଟେଜ୍‌ରେ ଅଛି। ଏହାର ନିର୍ମାତା ଏବେ ଏହି ଡିଭାଇସ୍‌ରେ ବିଭିନ୍ନ ପ୍ରକାରର ମାଛ ରଖି ଟେଷ୍ଟ କରୁଛନ୍ତି। ତେବେ ଇନ୍‌ଷ୍ଟା ଗ୍ରାମ୍‌ରେ ପୋଷ୍ଟ କରାଯାଇଥିବା ଏହାର ଫଟୋକୁ ଲୋକେ ବହୁତ ପସନ୍ଦ କରୁଛନ୍ତି। ନିର୍ମାତାଙ୍କ କହିବାନୁସାରେ ଅଧିକ ପହଁରିବାକୁ ପସନ୍ଦ କରୁଥିବା ମାଛ ପାଇଁ ଏହା ସମସ୍ୟା ସୃଷ୍ଟି କରିପାରେ। ତେଣୁ ଏହାକୁ ନଜରରେ ରଖି ଏଥିରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଉଛି।





# ଅଦ୍ଭୁତ ଫଟୋଗ୍ରାଫି

ବୁଦାପେଷ୍ଟର କଳାକାର ଫ୍ଲୋରା ବୋର୍ଶି ସେଲ୍ଫ ପୋର୍ଟ୍ରେଟ୍ ସହ ପଶୁପକ୍ଷୀଙ୍କୁ ସାମିଲ କରି ଏକ ନୂଆ ଚମତ୍କାର ଫଟୋଗ୍ରାଫୀର ଧାରା ଆରମ୍ଭ କରିଛନ୍ତି; ଯାହାକୁ ସେ ନାଁ ଦେଇଛନ୍ତି 'ଆନିମ୍‌ଆଇଡ୍'। ଏହି ଫଟୋଗ୍ରାଫି ପାଇଁ ପ୍ରଥମେ ସେ ନିଜ ଆଖିକୁ ମେକ୍‌ଅପ୍ ଜରିଆରେ ପଶୁପକ୍ଷୀଙ୍କ ଆଖି ଭଳି କରନ୍ତି। ତା' ପରେ ନିଜର ଗୋଟିଏ ଆଖି ଉପରେ ଜୀବଜନ୍ତୁଙ୍କ ଆଖି ରଖନ୍ତି। ଅନ୍ୟ ଆଖିଟି ମେକ୍‌ଅପ୍ ଦ୍ୱାରା ସେହି ପଶୁପକ୍ଷୀଙ୍କ ଭଳି ଲାଗେ। ପରେ ମଣିଷ ଓ ପ୍ରାଣୀଙ୍କ ଆଖିର ସମନ୍ୱୟରେ ଉଠାଯାଏ ଫଟୋ। ଉକ୍ତ ଫଟୋ ଲାଗେ ବେଶ୍ ଆକର୍ଷକ। ଶୁଆ, ଠେକୁଆ, ଗୁଣ୍ଡୁଚିମୂଷା, କୁକୁର, ବିଲେଇ, ହଂସ, ଏଣ୍ଡୁଅ ଭଳି ଅନେକ ପ୍ରାଣୀଙ୍କ ସହ ସେ ଏହି ଉପାୟରେ ଫଟୋ ଉଠାଇଛନ୍ତି। ତେବେ କିଛି କ୍ଷେତ୍ରରେ ସେ ସତସତିକା ପ୍ରାଣୀଙ୍କୁ ବ୍ୟବହାର ନ କରି ଡିଜିଟାଲ ଟେକ୍‌ନିକ ଆପଣେଇଛନ୍ତି। ହେଲେ ତାହା ଏତେ ନିଖୁଣଭାବେ ହୋଇଛି ଯେ, ତାହା ପ୍ରାକୃତିକ ଲାଗେ। ଫ୍ଲୋରାଙ୍କ ଫଟୋଗ୍ରାଫୀ ବେଶ୍ ଉଚ୍ଚକୋଟୀର। ତାଙ୍କର ସୋଲୋ ପ୍ରଦର୍ଶନୀ ୟୁରୋପ ଓ ଆମେରିକାର ଅନେକ ସ୍ଥାନରେ ହୋଇଛି।

# ସବୁଠୁ ଛୋଟ କିନ୍ତୁ ଲାଗେ ବଡ଼ି ବିଲ୍ଡର

କୁକୁଡ଼ାର ନାଁ ସେରମା। ସାରା ପୃଥିବୀରେ ଏହା ସବୁଠୁ ଛୋଟ କୁକୁଡ଼ାଭାବେ ପରିଚିତ। କିନ୍ତୁ ତା'ର ଠାଣି ଦେଖିଲେ ଲାଗେ ସେ ହେଉଛି ସବୁଠୁ ବଳୁଆ ପ୍ରାଣୀ। ମୁଣ୍ଡକୁ ପଛକୁ ନେଇ ଛାତିକୁ ଫୁଲେଇ ଆଗକୁ ଠେଲି ଏମିତି ଠିଆ ହୁଏ ଲାଗେ ସତେ ଯେମିତି ସେ ଏକ ବଡ଼ି ବିଲ୍ଡର। ପୂର୍ବରୁ ମାଲେସିଆରେ ଦେଖାଯାଉଥିବା ଏହି କୁକୁଡ଼ା ୨୦୦୦ ମସିହାରେ ବାର୍ଡ ଫ୍ଲୁ ପାଇଁ ବିଲୁପ୍ତ ପ୍ରାୟ ହୋଇଯାଇଥିଲା। କିନ୍ତୁ ସେହି ସମୟରେ କିଛିକିଛି ସେରମା କୁକୁଡ଼ାଙ୍କୁ ଆମେରିକା ସହ ଇଂଲଣ୍ଡ ପଠାଯାଇଥିଲା। ଫଳରେ ଏହା ବିଲୁପ୍ତ ହେବାରୁ ବର୍ତ୍ତି ଯାଇଥିଲା। ଏବେ ଏହା ଏସିଆର ବିଭିନ୍ନ ଦେଶରେ ବହୁତମାତ୍ରାରେ ଦେଖିବାକୁ ମିଳୁଛନ୍ତି। ଏଠାରେ ଏହି କୁକୁଡ଼ାକୁ ନେଇ ପୋଜିଂ କମ୍ପିଟିଶନ୍ ଆୟୋଜନ କରାଯାଏ। ଯେଉଁଥିରେ ସେରମା କୁକୁଡ଼ାଗୁଡ଼ିକ ନିଜକୁ ବଳିୟାନ ଓ ଅନ୍ୟଠୁ ଶ୍ରେଷ୍ଠ ଦର୍ଶାଇବାର ପୋଜ୍ ଦିଅନ୍ତି। ତାଙ୍କର ଠାଣି ଦେଖି ଲାଗେ ସେମାନେ ଗୋଟେ ଗୋଟେ ବଡ଼ିବିଲ୍ଡର। ଏମାନଙ୍କୁ କୁକୁଡ଼ା ଦୁନିଆର ଆଥଲେଟ୍ ବୋଲି ମଧ୍ୟ କୁହାଯାଏ। ଉକ୍ତ ପ୍ରତିଯୋଗିତା ଲାଗି କୁକୁଡ଼ା ପାଳକ ସେର୍‌ମା କୁକୁଡ଼ାଙ୍କୁ ଅଣ୍ଡା ଫୁଟାଇବା ପରେ ପ୍ରସ୍ତୁତ କରାନ୍ତି। ପ୍ରତିଦିନ ୧୦ ମିନିଟ୍‌ର ମାଲିସ୍ ସହ ରସୁଣର ଆଲକୋହଲ୍ ସପ୍ତାହକୁ ତିନି ଥର ପିଇବାକୁ ଦିଅନ୍ତି। ଯେମିତି କି ସେମାନଙ୍କ ଇମ୍ୟୁନିଟି ପାୱାର ବଢ଼ିବ। ମାଲେସିଆ ଓ ଭିଏତନାମରେ ସେରମା କୁକୁଡ଼ା ପ୍ରତିଯୋଗିତା ବହୁତ ଲୋକପ୍ରିୟ। ଏଥିରେ ସେମାନଙ୍କ ଶରୀରର ଆକାରକୁ ଦେଖାଯାଏନି। ବରଂ ସେମାନଙ୍କ ବୀର ଠାଣି, ଚାଲିବା ଶୈଳୀକୁ ଦେଖାଯାଏ। ଏହି କୁକୁଡ଼ା ଡରେଇବା ଠାଣି ଦେଖାଉଥିଲେ ହେଁ ଏମାନେ ଆଦୌ ରାଗୀ ନୁହନ୍ତି। ଭଲ ପୋଷା ମାନନ୍ତି। ଆଉ ସେମାନଙ୍କ ପିଛା ବିଶେଷ ଖର୍ଚ୍ଚ ବି ହୋଇ ନ ଥାଏ।

